ବିଦ୍ୟାଳୟ ନେତୃତ୍ୱ

# ଭାଗୀଦାରିତାକୁ ନେତୃତ୍ୱ : ଅଭିଭାବକ ଓ ବ୍ୟାପକ ବିଦ୍ୟାଳୟ ଗୋଷ୍ଠୀସହ ସଲଗ୍ନ ରହିବା

## Leading partnerships: engaging with parents and the wider school community



ଭାରତରେ ବିଦ୍ୟାଳୟ ଭିତ୍ତିକ ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଏହି ବିଦ୍ୟାଳୟ ନେତୃତ୍ୱ ସମ୍ବନ୍ଧୀୟ ମୁକ୍ତ ଶିକ୍ଷଣ ସମ୍ବଳଟି ଟେସ୍ ଇଣ୍ଡିଆ ଦ୍ୱାରା ପ୍ରସ୍ତୁତ ହୋଇଥିବା 'ବିଦ୍ୟାଳୟ ନେତୃତ୍ୱ' ସମ୍ବନ୍ଧୀୟ ୨୦ଟି ପୁସ୍ତିକା ମଧ୍ୟରୁ ଅନ୍ୟତମ। ଏହି ପୁସ୍ତିକାଗୁଡ଼ିକ ବିଦ୍ୟାଳୟରେ ନେତୃତ୍ୱ ନେଉଥିବା ଶିକ୍ଷକ ଶିକ୍ଷୟତ୍ରୀଙ୍କ ଶିକ୍ଷଣ ଓ ବୃତ୍ତିଗତରେ ଉନ୍ନତି ଆଣି ଶ୍ରେଣୀ କକ୍ଷରେ ପାଠପଢାରେ ସହାୟତା କରିବ। ଏହି ପୁସ୍ତିକାଗୁଡ଼ିକ ବିଭିନ୍ନ ସିଦ୍ଧାନ୍ତ ଓ ପରିଚାଳନା ସମ୍ବନ୍ଧୀୟ ଅଭିଜ୍ଞତାକୁ ଭିତ୍ତିକରି ପ୍ରସ୍ତୁତ କରାଯାଇଛି। ଏହି ପୁସ୍ତିକାରେ ଦିଆଯାଇଥିବା ତଥ୍ୟକୁ ବିଦ୍ୟାଳୟର ନେତୃତ୍ୱ, ଶିକ୍ଷକ ଓ ସହାୟକ କର୍ମୀମାନେ ଅଭ୍ୟାସରେ ଆଣିଲେ ବିଦ୍ୟାଳୟରେ ସାମୁହିକ ଉନ୍ନତି ଆସିପାରିବ। ଏହି ପୁସ୍ତିକାଗୁଡ଼ିକ ପଠନ ପାଇଁ ଏକ ବିଦ୍ଧିବଧ ଖସଡା ପ୍ରସ୍ତୁତ କରିବାର ଆବଶ୍ୟକତା ଯଦିଓ ନାହିଁ ତଥାପି "ବିଦ୍ୟାଳୟର ମୁଖ୍ୟ ଜଣେ ସାମର୍ଥ୍ୟକାରୀ" ପୁସ୍ତିକାରୁ ପଠନ ଆରମ୍ଭ କରାଯାଇପାରେ। ଏହି ପୁସ୍ତିକାଗୁଡ଼ିକ ନିଜସ୍ୱ ପଠନ ପାଇଁ ଉଦ୍ଦିଷ୍ଟ ଓ ଏହାକୁ ନିଜର ପାଠାଗାରାରେ ରଖାଯାଇପାରେ। ଏହି ପୁସ୍ତିକାଗୁଡିକ ବିଦ୍ୟାଳୟ ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ, ଉପ ପ୍ରଧାନ ଶିକ୍ଷକ କିମ୍ବା ଅନ୍ୟ ଶିକ୍ଷକ ଯେଉଁମାନେ ବିଦ୍ୟାଳୟ ନେତୃତ୍ୱରେ ସାମିଲ ଅଛନ୍ତି ସେମାନଙ୍କ ପାଇଁ ଉଦ୍ଦିଷ୍ଟ।

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/) ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ବିଦ୍ୟାଳୟ ନେତୃତ୍ୱ 19
Odisha

ଏହି ସଂକରଣଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ବିଦ୍ୟାଳୟ ନେତୃତ୍ୱ ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଡକ୍ଟର ମମତା ସ୍ୱାଇଁ ଓଡ଼ିଆ ଭାଷାରେ ଭାଷାନ୍ତର କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ / ଲେଖ http:// creativecommons.org/ licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ବିଦ୍ୟାଳୟର ମୁଖ୍ୟ ହେବା ଏକ ବହୁତ ବଡ଼ ଗୁରୁ ଦାୟିତ୍ୱ ଏବଂ ସମୟ ସମୟରେ ଏହା ବହୁତ ଭୟ ସୃଷ୍ଟି କରିଥାଏ। ଯଥେଷ୍ଟ ଭାବରେ କେତେକ ଆହ୍ୱାନ ଅଛି ଏବଂ ଆପଣ ଯାହା କିଛି କହୁଛନ୍ତି ତାହା ପ୍ରତ୍ୟକ୍ଷ ଭାବେ ହେଉ କିମ୍ବା ପରୋକ୍ଷ ଭାବେ ହେଉ, କିଛି ନା କିଛି ଶିକ୍ଷାର୍ଥୀ, ସହକର୍ମୀ ଏବଂ ଗୋଷ୍ଠୀଙ୍କ ଉପରେ ପ୍ରଭାବ ପକାଇଥାଏ। ବିଦ୍ୟାଳୟର ମୁଖ୍ୟ ଭାବେ ବିଭିନ୍ନ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖିବା ଯିଏ ଗୁରୁତ୍ୱ ଦେଇଥାନ୍ତି ତାହା ବିଦ୍ୟାଳୟ ପାଇଁ ଭିନ୍ନ ଭିନ୍ନ ଉପାୟରେ ଲାଭଦାୟକ ହୋଇଥାଏ। ଅନ୍ୟ ବିଦ୍ୟାଳୟ ଏବଂ ଅନୁଷ୍ଠାନମାନଙ୍କ ସହ ଭାଗିତା ସହ କାର୍ଯ୍ୟ କରିବା ଦ୍ୱାରା ଅନେକଗୁଡ଼ିଏ ଲାଭ ମିଳିଥାଏ ଯାହା ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ରେ ଗୁଣାତ୍ମକ ବିଦ୍ୟାଳୟର ଏକ ମୁଖ୍ୟ ଅଙ୍ଗ ରୂପେ ସୂଚାଯାଇଛି। ଅର୍ନ୍ତନିବେଶୀ ଶିକ୍ଷା ଓ ଶିକ୍ଷଣ କାର୍ଯ୍ୟଭିତ୍ତିକ ଶିକ୍ଷାଦାନର ଉନ୍ନତି ପାଇଁ ସହଭାଗୀତାକୁ ସାମଗ୍ରୀ ସମ୍ବଳ ଓ ମାନବ ସମ୍ବଳକୁ ପ୍ରବେଶ କରିବାର ଏକ ସର୍ବୋତ୍ତମ ଉପାୟ ଭାବେ ଗୁରୁତ୍ୱ ପ୍ରଦାନ କରାଯାଇଛି।

ତେଣୁ ଉଭୟ ପ୍ରାଥମିକ ଏବଂ ମାଧମିକ ବିଦ୍ୟାଳୟର ମୁଖ୍ୟମାନେ ଭାଗୀଦାରିତା ଏବଂ ଦୃଢ଼ ସମ୍ପର୍କ ତଥା ଗୋଷ୍ଠୀଙ୍କ ସହ ସହଭାଗିତାରେ କାର୍ଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିବା ଆବଶ୍ୟକ। ଏହା କେତେକ ମୁଖ୍ୟ ରାଜ୍ୟ ସ୍ତରୀୟ ବିଦ୍ୟାଳୟ, ବିଦ୍ୟାଳୟ ପରିଚାଳନା କମିଟି ସ୍ୱେଚ୍ଛାକୃତ ଅନୁଷ୍ଠାନ, ଅନ୍ୟ ବିଦ୍ୟାଳୟ ଏବଂ ବିଶେଷ ଭାବରେ ସେମାନଙ୍କ ବିଦ୍ୟାଳୟର ମାତାପିତା ଓ ଶିକ୍ଷାର୍ଥୀଙ୍କ ଅଭିଭାବକ ଯେଉଁମାନଙ୍କ ନାମ ବିଦ୍ୟାଳୟରେ ତାଲିକାଭୁକ୍ତ ହୋଇଛି।

ଗୋଷ୍ଠୀର ଅଗ୍ରଗତିରେ ବିଦ୍ୟାଳୟର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ବିଦ୍ୟାଳୟର ମୁଖ୍ୟ ସେ ଯେଉଁ ଗୋଷ୍ଠୀର କାର୍ଯ୍ୟ କରୁଛନ୍ତି ସେ ସମ୍ବନ୍ଧରେ କେବଳ ଜାଣନ୍ତି ତାହା ନୁହେଁ ବରଂ ଏହାର ଆବଶ୍ୟକତା ଏବଂ ଆଶା ସମ୍ବନ୍ଧରେ ନିଶ୍ଚିତ ଭାବେ ଜାଣିବେ। ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ଏକାକୀ କାର୍ଯ୍ୟ କରିବାର ଆବଶ୍ୟକ ନାହିଁ, ପରନ୍ତୁ ବିଦ୍ୟାଳୟର ପରିଚାଳନା କମିଟି ଆପଣଙ୍କୁ ସହାୟତା କରିବେ। ଏହା କରିବାକୁ ହେଲେ ଆପଣଙ୍କୁ ବିଦ୍ୟାଳୟର ମନୋବୃତ୍ତି ଏବଂ ଆଶା ବିଷୟରେ ସ୍ୱଷ୍ଟ ଭାବେ ସମସ୍ତଙ୍କୁ କହିବାକୁ ପଡ଼ିବ – ନିର୍ଦ୍ଦିଷ୍ଟ ଭାବେ କହିବାକୁ ଗଲେ ବିଦ୍ୟାଳୟକୁ ଅଭିଭାବକଙ୍କୁ ସ୍ୱାଗତ ଏବଂ ଶିକ୍ଷାର୍ଥୀଙ୍କ ଶିକ୍ଷା ଗ୍ରହଣ ପାଇଁ ତାଙ୍କୁ ଜଣେ ସହଯୋଗୀ ଭାବେ ବିବେଚନା କରିବେ।

ଏହି ଏକକର ମୂଳ ଉଦ୍ଦେଶ୍ୟ ହେଉଛି ଯେ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସହ କାର୍ଯ୍ୟ କରିବା ପାଇଁ ସହଭାଗିତା ଏବଂ ଅଂଶଗ୍ରହଣ କରିବାରେ ସାହାଯ୍ୟ କରିବା, ଯାହା ଆପଣଙ୍କୁ ସେମାନଙ୍କର ସାହାଯ୍ୟ, ସହଯୋଗ ଏବଂ ଆପଣଙ୍କ ବିଦ୍ୟାଳୟର ପୋରୋଦୃଷ୍ଟିକୁ ହୃଦୟଙ୍ଗମ କରିବା ପାଇଁ ଆପଣଙ୍କର ଉତ୍ସାହ ଉପରେ ନିର୍ଭର କରେ।

### ଶିକ୍ଷଣ ଡାଏରୀ

ଏହି ଏକକରେ କାର୍ଯ୍ୟ କରିବା ସମୟରେ ଆପଣ କୌଣସି ପୁସ୍ତକ କିମ୍ବା ଅନ୍ୟ ଯେକୌଣସି ସ୍ଥାନରୁ ସଂଗ୍ରହ କରିଥିବା ଆପଣଙ୍କର ଚିନ୍ତାଧାରା ଓ ଯୋଜନାକୁ ଆପଣଙ୍କ ଶିକ୍ଷଣ ପୁସ୍ତିକାରେ ଗୋଟିଏ ସ୍ଥାନରେ ଲିପିବଦ୍ଧ କରି ରଖନ୍ତୁ। ବୋଧହୁଏ, ଆପଣ ଏହି କାର୍ଯ୍ୟ ଆଗରୁ ଆରମ୍ଭ କରିସାରିଥିବେ।

ହୁଏତ ଆପଣ ଏହି କାର୍ଯ୍ୟଟିକୁ ଏକା କରୁଛନ୍ତି, ମାତ୍ର ଆପଣଙ୍କର ଶିକ୍ଷାର ଅଭିବୃଦ୍ଧି ସେତେବେଳେ ଘଟିବ ଯେତେବେଳେ ଆମେ ଆପଣଙ୍କର ଶିକ୍ଷଣ ପରିସ୍ଥିତି କିମ୍ବା ଉପଲବ୍ଧ ଶିକ୍ଷାକୁ ଅନ୍ୟ ବିଦ୍ୟାଳୟର ମୁଖ୍ୟଙ୍କ ସହିତ ଆଲୋଚନା କରିବେ। ସେହି ବିଦ୍ୟାଳୟର ମୁଖ୍ୟ ଆପଣଙ୍କର ଜଣେ ପୁରୁଣା ସହକର୍ମୀ ହୋଇପାରନ୍ତି କିମ୍ବା ନୂତନ ଭାବେ ସମ୍ପର୍କିତ ସହକର୍ମୀ ହୋଇପାରନ୍ତି। ଏହାକୁ ସଙ୍ଗଠିତ ଉପାୟରେ ବା ଅଣଆନୁଷ୍ଠାନିକ ଭାବରେ କରାଯାଇପାରେ। ଏହି ଧରଣର ସଭା ପାଇଁ ପୁନଶ୍ଚ ଆପଣଙ୍କର ଦୀର୍ଘମିଆଦି ଶିକ୍ଷଣ ଯୋଜନା ପାଇଁ ପ୍ରତୟ ବିଶ୍ଳେଷଣ ଏବଂ ବିକାଶ ସାଧନ ପାଇଁ ଆପଣଙ୍କର ଶିକ୍ଷଣ ପୁସ୍ତିକା ସାହାଯ୍ୟ କରିବ।

## ଏହି ଏକକରୁ ବିଦ୍ୟାଳୟର ମୁଖ୍ୟ କ'ଣ ଶିଖିବେ ?

- ଆପଣଙ୍କ ରାଜ୍ୟର କେତେକ ମୁଖ୍ୟ ଅନୁଷ୍ଠାନ ସହ ଏକ ଉନ୍ନତ ସମ୍ପର୍କ ସ୍ଥାପନ କରିବା।
- ଅନ୍ୟ ବିଦ୍ୟାଳୟ ଏବଂ ବେସରକାରୀ ସଂସ୍ଥାଙ୍କ ମଧ୍ୟରେ ସହଭାଗିତା ମାଧ୍ୟମରେ ଅଂଶିଦାରିତ୍ୱ ସ୍ଥାପନ।
- ଗୋଷ୍ଠୀ, ଅନୁଷ୍ଠାନ ଏବଂ ମୁଖ୍ୟତଃ ବିଦ୍ୟାଳୟ ପରିଚାଳନା କମିଟି ସହ ଯୋଗଦାନ କରିବା।
- ଶିକ୍ଷାର୍ଥୀଙ୍କ ଶିକ୍ଷଣକୁ ଉନ୍ନତ କରିବା ପାଇଁ ପିତାମାତାଙ୍କର ଅଂଶଗ୍ରହଣ ଏବଂ ସହଭାଗିତାରେ କାର୍ଯ୍ୟ ସମ୍ପାଦନ।

## ୧ ଆପଣଙ୍କ ରାଜ୍ୟ ସହ ସହଭାଗିତାରେ କାର୍ଯ୍ୟ କରିବା

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ଏବଂ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ ଦ୍ୱାରା ଶିକ୍ଷାର ବିକେନ୍ଦ୍ରୀକରଣ ଏବଂ ରାଜ୍ୟର ଭୂମିକାକୁ ସ୍ପଷ୍ଟ ଭାବେ ନିର୍ବାହ କରିବା ତଥା ବିଭିନ୍ନ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ସଂସ୍ଥା ଦ୍ୱାରା, ଭାରତୀୟ ସ୍କୁଲ ଶିକ୍ଷାର ମୂଳଦୁଆକୁ ପରିବର୍ତ୍ତନ କରାଯାଇପାରିଲା। ବିଦ୍ୟାଳୟ ସ୍ତରରେ, ବିଦ୍ୟାଳୟ ପରିଚାଳନା କମିଟି ପାଇଁ ଉପଯୁକ୍ତ ନୀତି ଏବଂ ନିୟମକୁ ଶିକ୍ଷା ଅଧିକାର ଅଧିନିୟମ ୨୦୦୯ରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ସେଠାରେ ବିଭିନ୍ନ ସ୍ତରର ଦାୟିତ୍ୱ ରହିଛି, ମାତ୍ର ରାଜ୍ୟ ସରକାର କେତେକ କାର୍ଯ୍ୟକୁ ସ୍ଥିର କରିଛନ୍ତି, ଯାହାକୁ ବିଦ୍ୟାଳୟଗୁଡ଼ିକୁ କରିବାକୁ ହେବ:

- ଯଦି ସମ୍ଭବ, ଶିକ୍ଷାର୍ଥୀଙ୍କ ନିରାପଦ ଯାତାୟାତ ବ୍ୟବସ୍ଥାର ନିରୀକ୍ଷଣ
- ଶିକ୍ଷକ : ଶିକ୍ଷାର୍ଥୀଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଅନୁପାତ
- ସୁସ୍ଥ ଏବଂ ଉପଯୁକ୍ତ ଶ୍ରେଣୀଗୃହର ବ୍ୟବସ୍ଥା ଏବଂ ସ୍ୱତନ୍ତ୍ର ଓ କାର୍ଯ୍ୟକ୍ଷମ ଶୌଚାଗାର
- ଉପଯୁକ୍ତ ଓ ନିରାପଦ ପାନୀୟ ଜଳର ବ୍ୟବସ୍ଥା
- ଉପଯୁକ୍ତ ପାଚେରୀର ବ୍ୟବସ୍ଥା ଯେଉଁଠାରେ ଖେଳପଡ଼ିଆ ଥିବ ଏବଂ ରୋଷେଇ ଘରର ବ୍ୟବସ୍ଥା ତଥା ଖେଳ ସରଞ୍ଜାମ ରହିଥିବ
- ଏକ ପାଠାଗାର
- ତାଲିମପ୍ରାପ୍ତ ଶିକ୍ଷକ, ଯେଉଁମାନେ ସମସ୍ତ ଶିକ୍ଷାର୍ଥୀଙ୍କୁ ସମାନ ଦୃଷ୍ଟିରେ ଦେଖୁଥିବେ
- ବିଳମ୍ବରେ ନାମ ଲେଖାଇଥିବା ଶିକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା
- ଶିକ୍ଷଣ ଏବଂ ଶିକ୍ଷାଦାନ ପ୍ରକ୍ରିୟା ନିମିତ୍ତ ଉପଯୁକ୍ତ ସମ୍ବଳ ଯେପରି କି ପାଠ୍ୟପୁସ୍ତକ, ଅଭ୍ୟାସ ପୁସ୍ତିକା, କାର୍ଯ୍ୟାଳୟରେ ବ୍ୟବହୃତ ଜିନିଷପତ୍ର, ୟୁନିଫର୍ମ ଏବଂ ମଧ୍ୟାହ୍ନଭୋଜନର ବ୍ୟବସ୍ଥା।

ଏହିସବୁ ଦାୟିତ୍ୱଗୁଡ଼ିକୁ ନିର୍ବାହ କରିବା ପାଇଁ ରାଜ୍ୟ ସରକାର ଭିନ୍ନ ଭିନ୍ନ ଯୋଜନାମାନ ସ୍ଥିର କରିଛନ୍ତି। ଉଦାହରଣସ୍ୱରୂପ ପ୍ରତ୍ୟେକ ପ୍ରାଥମିକ ବିଦ୍ୟାଳୟ ପାଇଁ ୩ ବର୍ଷିୟା ଯୋଜନା, ଖାଲି ପଡ଼ିଥିବା ୫୦,୦୦୦ ଶିକ୍ଷକ ପଦ ପୂରଣ ନିମନ୍ତେ ବ୍ୟବସ୍ଥା, ଅନଗ୍ରସର ଶିକ୍ଷାର୍ଥୀମାନଙ୍କ ପାଇଁ ଗାଡ଼ିର ବ୍ୟବସ୍ଥା କିମ୍ବା ରାଜ୍ୟରେ ଏକ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ଆସବାବପତ୍ରର ସମୃଦ୍ଧି ପାଇଁ ଯୋଜନା।



ଚିତ୍ର- ୧ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣଙ୍କୁ ସରକାରଙ୍କ ଯୋଜନା ଏବଂ କାର୍ଯ୍ୟକ୍ରମ ସମ୍ବନ୍ଧରେ ଅବଗତ ରହିବାକୁ ହେବ, ଯାହାଦ୍ୱାରା, ବିଦ୍ୟାଳୟ ଏବଂ ଶିକ୍ଷାର୍ଥୀଙ୍କ ଉନ୍ନତି ନିମନ୍ତେ ସେଗୁଡ଼ିକର ବ୍ୟବହାର ପାଇଁ ଆପଣ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିପାରିବେ।

## ଶିକ୍ଷଣକାର୍ଯ୍ୟ ୧ : ସାହାଯ୍ୟ କରୁଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟକୁ ଚିହ୍ନଟ କରିବା

ଉପରଲିଖିତ ସାରଣୀକୁ ଲକ୍ଷ୍ୟ କରନ୍ତୁ ଏବଂ ରାଜ୍ୟସ୍ତରୀୟ ଅନୁଷ୍ଠାନ ଭଳି ଆପଣଙ୍କୁ ବିଦ୍ୟାଳୟରେ ଯେଉଁ ଦିଗରେ ଭଲ କାର୍ଯ୍ୟ ସମ୍ପାଦନ କରିହେଉନାହିଁ ତାହାକୁ ସ୍ଥିର କରନ୍ତୁ ତାହା ଜିଲ୍ଲାସ୍ତରୀୟ, ବ୍ଲକସ୍ତରୀୟ କିମ୍ବା କ୍ଲଷ୍ଟର ସ୍ତରୀୟ ହୋଇପାରେ। ଉଦାହରଣସ୍ୱରୂପ, ଆପଣଙ୍କର ଶୌଚାଳୟ ସୁବିଧା ଉପଯୁକ୍ତ ନୁହେଁ। ବହୁତ ଦୁର୍ବଳ ହୋଇପାରେ କିମ୍ବା ବିଦ୍ୟାଳୟ ଚତୁଃପାର୍ଶ୍ୱରେ ଭାଙ୍ଗିଯାଇଥିବା କାଠର ବାଡ଼ କିମ୍ବା ଆପଣଙ୍କର ଶିକ୍ଷକ ସମସ୍ୟା ରହିଥାଇପାରେ। ନିଅଣ୍ଟ ଥିବା ଜିନିଷ କ୍ଷେତ୍ରରେ ଆପଣ କିଭଳି ଲିପିବଦ୍ଧ କରିବେ ଯେଉଁଥିରୁ ଆପଣଙ୍କୁ ଅନୁକୂଳ ପ୍ରତିକ୍ରିୟା ମିଳିପାରିବ ?

### ଆଲୋଚନା

ଚୁକ୍ତିବଦ୍ଧ ଉପରେ ଦୃଷ୍ଟି ଆକର୍ଷଣ କରନ୍ତୁ ଏବଂ ଭିନ୍ନ ଭିନ୍ନ ରାଜ୍ୟ, ଜିଲ୍ଲା ଏବଂ ଜିଲ୍ଲାର ଭିନ୍ନ ଭିନ୍ନ ଅନୁଷ୍ଠାନରୁ ଆସିଥିବା କର୍ମକର୍ତ୍ତାଙ୍କ ସହ କାର୍ଯ୍ୟ କରିବା ବଡ଼ ଆହ୍ୱାନ ଅଟେ। ବିଦ୍ୟାଳୟର ମୁଖ୍ୟ ଭାବେ ଆପଣଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ଆପଣଙ୍କ ବିଦ୍ୟାଳୟର କ'ଣ ଆବଶ୍ୟକତା ରହିଛି କିମ୍ବା ବିଦ୍ୟାଳୟ ଯୋଜନାରେ କ'ଣ ସ୍ଥିରିତ କରାଯାଇଛି (ବିଦ୍ୟାଳୟ ପରିଚାଳନା କମିଟି ସହ ମିଶି ଯାହା ସୃଷ୍ଟି କରାଯାଇଛି)। ତୁମେ ହୁଏ ତ ଏହି କାମକୁ କରିଥାଇପାରନ୍ତି।

ଅନେକ ଦିଗ ରହିଛି ଯେଉଁଠି ଆପଣଙ୍କୁ ସମ୍ଭବତଃ ଅନେକ କିଛି କରିବାକୁ ହେବ (ଆସବାବପତ୍ରର ସୁବିଧା, ଶିକ୍ଷଣ – ଶିକ୍ଷାଦାନ ପ୍ରକ୍ରିୟାର ଉପସ୍ଥାନ, ଗୋଷ୍ଠୀ ସହ ସମ୍ପୃକ୍ତି ଇତ୍ୟାଦି) ଏବଂ ଅପରିହାର୍ଯ୍ୟ ଭାବେ କହିବାକୁ ଗଲେ ଇଚ୍ଛା ମୁତାବକ ଉନ୍ନତି କରିବା ପାଇଁ ଉପଯୁକ୍ତ ସମ୍ବଳ ନାହିଁ। ବିଦ୍ୟାଳୟ ପରିଚାଳନା କମିଟି ଓ ଗୋଷ୍ଠୀର ମୁଖ୍ୟ ଲୋକମାନେ ଯେଉଁମାନେ ଆପଣଙ୍କୁ ଆପଣଙ୍କର ପରିକଳ୍ପନା ଓ କାର୍ଯ୍ୟରେ ସହାୟତା ଦେଇପାରିବେ ସେଇଭଳି ବ୍ୟକ୍ତିଙ୍କ ସହ ମିଶି ତାଲିକା କରନ୍ତୁ ଯାହା ଆପଣଙ୍କୁ ଫଳପ୍ରଦ ହେବ ଓ ଉପକାରରେ ଆସିବ।

ଆପଣଙ୍କ ରାଜ୍ୟ ଦ୍ୱାରା ପ୍ରରୋଚିତ ହୋଇଥିବା ଓ ଉପଲବ୍ଧ ଥିବା ଯୋଜନା ଓ ପ୍ରକଳ୍ପଗୁଡ଼ିକୁ ଯତ୍ନର ସହିତ ପରୀକ୍ଷା କରିବାର ଅଛି। ଏହା ସମ୍ବନ୍ଧରେ ସଚେତନ ହେବା ବହୁତ ଦରକାର ଯେହେତୁ ଆପଣ ଆପଣଙ୍କ ବିଦ୍ୟାଳୟ ପାଇଁ ସମ୍ବଳ ବା ସୁଯୋଗ ଭାବେ ଗ୍ରହଣ କରିପାରିବେ।

ତେଣୁ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣ ତୁମ ନିଜକୁ ପ୍ରଥମେ ଜଣେଇବାର ଅଛି ଯେ କିଭଳି ଭିନ୍ନ ଭିନ୍ନ ରାଜ୍ୟସ୍ତରୀୟ ଅନୁଷ୍ଠାନଗୁଡ଼ିକ ଆପଣଙ୍କ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ବୃଦ୍ଧି ପାଇଁ କିଭଳି ସାହଯ୍ୟ ଓ ସହଯୋଗ କରିପାରିବେ। ଆପଣଙ୍କୁ ଆପଣ ରାଜ୍ୟର ଅନୁଷ୍ଠାନଗୁଡ଼ିକ ସହ ସିଧାସଳଖ ଭାବେ କାର୍ଯ୍ୟ କରିବାକୁ ହେବ ଏବଂ ପ୍ରଭାବିତ କରିବା ପାଇଁ ଆପଣଙ୍କୁ ସୁସ୍ଥ ବାତାବରଣ ସୃଷ୍ଟି କରିବାକୁ ହେବ।

ଯେହେତୁ ଆପଣ ରାଜ୍ୟସ୍ତରୀୟ ଅନୁଷ୍ଠାନ ସହ କାର୍ଯ୍ୟ କରୁଛି, ଆପଣଙ୍କୁ ମନେ ରଖିବାକୁ ହେବ ଯେ ସେମାନଙ୍କଠୁ କେବଳ ବିଦ୍ୟାଳୟ ପାଇଁ ସମ୍ବଳ ସଂଗ୍ରହ କରିବା ପାଇଁ ନୁହେଁ ବରଂ ସମସ୍ୟା ସମାଧାନ ପାଇଁ ବ୍ୟବସ୍ଥାକୁ ପ୍ରଭାବିତ କରିବା ପାଇଁ ବିଦ୍ୟାଳୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ ପାଇଁ ଯୋଜନା, ପ୍ରଗତି ନିମନ୍ତେ ତଦାରଖ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସମସ୍ତ ଶିକ୍ଷାର୍ଥୀ ଶିକ୍ଷା ଗ୍ରହଣ କରୁଛନ୍ତି ତାକୁ ନିଶ୍ଚିତ କରିବା। ତଳ ଘଟଣା ଅଧ୍ୟୟନରେ ଆପଣ ଦେଖିପାରିବ ଯେ ସେଠାରେ ଦୁଇ ପ୍ରକାର ଯୋଗାଯୋଗ ଏବଂ ବିଦ୍ୟାଳୟ ଏବଂ ରାଜ୍ୟ ଅନୁଷ୍ଠାନ ମଧ୍ୟରେ ସମ୍ପର୍କ, ଯେଉଁଠି ଜଣେ କର୍ତ୍ତବ୍ୟନିଷ୍ଠ ମୁଖ୍ୟ ଭାବେ ଆପଣ ଜଣେ ସମ୍ବଳ ତଥା ହିତାଧିକାରୀ ବ୍ୟକ୍ତି ଅଟନ୍ତି।

## ପରିସ୍ଥିତି ଅଧ୍ୟୟନ ୧ : ଶ୍ରୀମତୀ ମିସ୍ତ୍ରୀ ଡି.ଆଇ.ଇ.ଟି. ସହ କାର୍ଯ୍ୟ କରୁଛନ୍ତି

ଶ୍ରୀମତୀ ମିସ୍ତ୍ରୀ, ୧୨ ବର୍ଷରୁ ଅଧିକ ଅଭିଜ୍ଞତା ରଖିଥିବା ଜଣେ ବିଦ୍ୟାଳୟର ମୁଖ୍ୟ, ତାଙ୍କ ପରିସରରେ ଥିବା ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ସହ ସେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ଏବଂ ନିୟମିତ ଭାବେ ଡି.ଆଇ.ଇ.ଟି.ର ଅଧକ୍ଷଙ୍କ ସହ ସେ ଯୋଗାଯୋଗ ରକ୍ଷା କରିଥାନ୍ତି, ଯିଏ ତାଙ୍କର ଶିକ୍ଷାର୍ଥୀଙ୍କ ଶିକ୍ଷା ପାଇଁ ନୂତନ ଶିକ୍ଷା ପଦ୍ଧତି ଏବଂ ସମ୍ବଳ ରଖିଥାନ୍ତି।

ଶ୍ରୀମତୀ ମିସ୍ତ୍ରୀଙ୍କଠାରେ ନିୟମିତ ଭାବେ ଶିକ୍ଷକ ସମସ୍ୟା ରହୁଥିଲା ଏବଂ ଡିଆଇଇଟି ଦ୍ୱାରା ଅନୁଷ୍ଠିତ ହେଉଥିବା କୌଣସି ତାଲିମ ଶିବିରରେ ଯୋଗଦେବା ପାଇଁ ଶିକ୍ଷକମାନଙ୍କୁ ଅନୁମତି ଦେବା ବେଳେ ସେ ବହୁତ କଷ୍ଟ ଅନୁଭବ କରନ୍ତି ସେମାନଙ୍କର ବୃତ୍ତିଗତ ବିକାଶ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ଥିଲେ। ତେଣୁ ନିଜ ବିଦ୍ୟାଳୟରେ ଡି.ଆଇ.ଇ.ଟି.ର ସହାୟତାରେ ସେ କେତେକ ଅଧିବେଶନର ଆୟୋଜନ କରିଥିଲେ। ସେମାନେ ମୁକ୍ତ ଶିକ୍ଷା ପାଇଁ ଉପଯୁକ୍ତ ସମ୍ବଳ ଯୋଗାଇ ଦେଇଥିଲେ ଏବଂ ତାଙ୍କୁ କେତେକ ୱେବ୍‌ସାଇଟ ଦେଖାଇଥିଲେ, ଯାହାକୁ ସେ ପରବର୍ତ୍ତୀ ସମୟରେ ବ୍ୟବହାର କରିପାରିବେ।

ଶ୍ରୀମତୀ ମିସ୍ତ୍ରୀ ଡି.ଆଇ.ଇ.ଟି.ର ତାଲିମ କାର୍ଯ୍ୟକ୍ରମ ସହ ଜଡ଼ିତ ରହିବାର ଅର୍ଥ ସେମାନଙ୍କ ତାଲିମ କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ଉପାୟରେ ପ୍ରଭାବିତ ହେବା - ଦରକାର ସମୟରେ ନିଜ ବିଦ୍ୟାଳୟର ଅଭିଜ୍ଞତାକୁ ଭିନ୍ନ ଉପାୟରେ ଅନ୍ୟ ବିଦ୍ୟାଳୟ ମଧ୍ୟରେ ବାଣ୍ଟିବା ଏବଂ ସମସ୍ୟା ସ୍ଥିର କରିବା ଏବଂ ବିଦ୍ୟାଳୟ କେଉଁ ସମସ୍ୟାର ସମ୍ମୁଖୀନ ହେଉଛି ଏବଂ ତାହାର ସମାଧାନ କିଭଳି ସେ ବାହାର କରିପାରିବେ।

ଦେଶ ସାରା ଗୁଣାତ୍ମକ ଶିକ୍ଷାର ବୃଦ୍ଧି ପାଇଁ ନୂତନ ପଦ୍ଧତିର ଆବଶ୍ୟକତା ରହିଛି। ତେଣୁ ଏହାର ପ୍ରସ୍ତୁତି, ପ୍ରୟୋଗ ଏବଂ ଶିକ୍ଷକଙ୍କ ତାଲିମ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତି କରିବାରେ ସେ ଡି.ଆଇ.ଇ.ଟି.କୁ ସାହାଯ୍ୟ କରିବା ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ମନେକରନ୍ତି ଯାହାଫଳରେ ଡିଆଇଇଟି ସହ ତାଙ୍କର ଦ୍ୱିପାକ୍ଷିକ ସମ୍ପର୍କ ମଧ୍ୟ ବୃଦ୍ଧି ପାଇବ।

## ଶିକ୍ଷଣକାର୍ଯ୍ୟ ୨ : ରାଜ୍ୟସ୍ତରୀୟ ପ୍ରତିଷ୍ଠାନ ସହିତ ଆପଣଙ୍କର ଚୁକ୍ତିବଦ୍ଧର ପରିସର ଏବଂ ଉପାୟର ମୂଲ୍ୟାୟନ

ଏହି କାର୍ଯ୍ୟ ପାଇଁ ଆପଣଙ୍କୁ ସମ୍ବଳ-୧ର ଖାଲିଥିବା ସାରଣୀକୁ ବ୍ୟବହାର କରିବାର ଆବଶ୍ୟକତା ଅଛି। ସମ୍ବଳ - ୧.୧ର ବାମ ପାଖ ସ୍ତମ୍ଭରେ କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟସ୍ତରୀୟ ଅନୁଷ୍ଠାନ ତାଲିକା ଅଛି ଯେଉଁଗୁଡ଼ିକ ବିଦ୍ୟାଳୟ ମୁଖ୍ୟଙ୍କ କାର୍ଯ୍ୟ ସହ ସମ୍ପୃକ୍ତ ତାହାକୁ ସାମିଲ କରାଯାଇଛି। ପ୍ରତ୍ୟେକ ଅନୁଷ୍ଠାନ ପରେ ଆପଣ କିଭଳି ସେ ଅନୁଷ୍ଠାନଗୁଡ଼ିକୁ ମୂଲ୍ୟାୟନ କରିବେ, ଚାରୋଟି ସ୍ତମ୍ଭ ମଧ୍ୟରୁ ଯେଉଁଟି ଠିକ୍ ତାହାକୁ ସୂଚାନ୍ତୁ ଯାହା କି ସେମାନଙ୍କ ସହ ଆପଣଙ୍କ ସମ୍ପର୍କର ସ୍ତରକୁ ସୂଚାଇବ। ଉଦାହରଣସ୍ୱରୂପ ଡି.ଆଇ.ଇ.ଟି. କିମ୍ବା

ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ତୁଳନାରେ ଆପଣଙ୍କର ସମ୍ପର୍କ ସିଆର୍‌ସିସି ଏବଂ / କିମ୍ୱା ବିଆର୍‌ସିସିଙ୍କ ସହ ଅଧିକ ଥାଇପାରେ ।

ଚିନ୍ତା କରନ୍ତୁ, ଏହା ଏକ ଦ୍ୱିପାକ୍ଷିକ ବାର୍ତ୍ତାଳାପ କିମ୍ୱା କେବଳ ସୂଚନା, ସେମାନଙ୍କ ନିକଟରୁ ଆପଣଙ୍କ ନିକଟକୁ ଆସୁଛି କିମ୍ୱା ଅନ୍ୟ ଅନୁଷ୍ଠାନ ମାଧ୍ୟମରେ ଆପଣଙ୍କଠାରୁ ସେମାନଙ୍କ ନିକଟକୁ ଯାଉଛି । ଆପଣ ଲକ୍ଷ୍ୟ କରିଥିବେ ଯେ କେତେକଙ୍କ ସହ ଆପଣଙ୍କର କଥାବାର୍ତ୍ତା କମ୍ ରହୁଛି କିମ୍ୱା ଆଦୌ ନାହିଁ – ଏପରି କି ସେମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱ ସମ୍ପର୍କରେ ଆପଣ ଆଦୌ ନିଶ୍ଚିତ ନ ଥିବେ । ଯଦି ତାଙ୍କୁ ଯୋଗାଯୋଗ କରିବାର କାରକଗୁଡ଼ିକୁ (ମଧ୍ୟାହ୍ନ ଭୋଜନ, ତଥ୍ୟ ସଂଗ୍ରହ, ତଥ୍ୟ ପ୍ରଦାନ, ସମ୍ୱଳ ବୃଦ୍ଧି, ତାଲିମ, ଆନୁଷ୍ଠାନିକ ସହାୟତା ଇତ୍ୟାଦି) ଯଦି ସ୍ପଷ୍ଟ ସ୍ତରରେ ଲେଖିକରି ରଖିବେ, ତେବେ ଏହା ଆପଣଙ୍କୁ ବହୁତ ସାହାଯ୍ୟ କରିବ । ଯଦି ସେ ଅନୁଷ୍ଠାନର କାହାରି ନାମ ଆପଣଙ୍କୁ ଜଣାଥାଏ, ତେବେ ମୁଖ୍ୟବ୍ୟକ୍ତିଙ୍କ ସହ ସମସ୍ତଙ୍କର ନାମ ଲିପିବଦ୍ଧ କରି ରଖନ୍ତୁ । ନାମ ଲିପିବଦ୍ଧ କରୁଥିବା ବ୍ୟକ୍ତି ଜଣକ ସବୁଠାରୁ ବୟୋଜ୍ୟେଷ୍ଠ ବ୍ୟକ୍ତି ନ ହୋଇପାରନ୍ତି ଏବଂ ବେଳେବେଳେ ଆପଣଙ୍କର ଯୋଗାଯୋଗ କେବଳ ସାଙ୍ଗ କିମ୍ୱା ସମ୍ପର୍କୀୟଙ୍କ ସଙ୍ଗେ ହୋଇପାରେ କିମ୍ୱା ଏଭଳି ଜଣେ ବ୍ୟକ୍ତି ହୋଇଥିବେ, ଯିଏ ଆପଣଙ୍କୁ ଆବଶ୍ୟକ ସମୟରେ ଉପଯୁକ୍ତ ବ୍ୟକ୍ତିଙ୍କ ସାଙ୍ଗରେ ଯୋଗାଯୋଗ କରାଇପାରୁଥିବେ ।

**ଆଲୋଚନା :**

ଆପଣ କ'ଣ କରୁଛନ୍ତି ଜାଣିବା ପାଇଁ ଏବଂ ନ ଜାଣିବା ପାଇଁ ଏବଂ ଆପଣଙ୍କ କାର୍ଯ୍ୟର ନେଟ୍‌ୱର୍କ କେଉଁ ସ୍ତର ପର୍ଯ୍ୟନ୍ତ ଦୃଢ଼ ଅଛି, ଜାଣିବା ପାଇଁ ଏହି କାର୍ଯ୍ୟ ପ୍ରସ୍ତୁତ କରାଯାଇଛି । ଏମିତି ଆଉ କୌଣସି ଅନୁଷ୍ଠାନ ଅଛି କି ଯେଉଁଠି ସହଭାଗିତା ଏବଂ ନେଟ୍‌ୱର୍କ ମାଧ୍ୟମରେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସାରଣୀରେ ଲିପିବଦ୍ଧ ଅଛି ମାତ୍ର ଯାହା ଆପଣଙ୍କ ପାଇଁ କଷ୍ଟଦାୟକ ଅଟେ ? ବର୍ତ୍ତମାନ ସହଭାଗିତା ଏବଂ ନେଟ୍‌ୱର୍କ ମାଧ୍ୟମରେ କେଉଁ କାର୍ଯ୍ୟ ହେଉଛି, ଏବଂ ବିଦ୍ୟାଳୟର ମୁଖ୍ୟ ଭାବେ କେଉଁ କେଉଁ ଦିଗରେ ଆପଣ କାର୍ଯ୍ୟ କରନ୍ତି ଯେଉଁଥିରେ ଆପଣ ସେମାନଙ୍କୁ ଯୋଗାଯୋଗ କରିପାରିବେ କିମ୍ୱା ସେମାନେ ଆପଣଙ୍କ ଯୋଗାଯୋଗ କରିପାରିବେ ? ଏକ ବୃତ୍ତିଗତ ନେଟ୍‌ୱର୍କ ପ୍ରସ୍ତୁତ କରିବା ପାଇଁ ଆପଣଙ୍କୁ ଅନ୍ୟ କେତେକ ବିଦ୍ୟାଳୟର ମୁଖ୍ୟଙ୍କ ସହାୟତାରେ କରିବାକୁ ହେବ, ଯେଉଁଠି ଆପଣ ଜାଣି ନାହାନ୍ତି ଯେ କେଉଁଠି ଏବଂ କିଭଳି ଆରମ୍ଭ କରିବେ । ଥରେ ଗୋଟିଏ ନେଟ୍‌ୱର୍କ ଆରମ୍ଭ କରିବା ପରେ ଏହାକୁ କିଭଳି ଜୀବନ୍ତ ରଖିହେବ ସେଥିପାଇଁ ଆପଣଙ୍କୁ ଉପଯୁକ୍ତ ଯୋଜନା ସ୍ଥିର କରିବାର ଆବଶ୍ୟକତା ରହିଛି । ଦ୍ୱି-ପାକ୍ଷିକ କଥାବାର୍ତ୍ତା (ଉଦାହରଣସ୍ୱରୂପ, ଫୋନ ଦ୍ୱାରା, ଇମେଲ୍, ଚିଠିପତ୍ର, ବ୍ୟକ୍ତିଗତ କିମ୍ୱା ସୋସିଆଲ ମିଡିଆର ବ୍ୟବହାର)କୁ ସାମିଲ କରିବାର ସମ୍ଭାବତା ଅଧିକ ଦେଖାଦେଇଥାଏ ।

## ୨ ଅନ୍ୟ ବିଦ୍ୟାଳୟ ଏବଂ ବେସରକାରୀ ଅନୁଷ୍ଠାନ ସହ ସହଭାଗିତା ଭାବେ କାର୍ଯ୍ୟ କରିବା

ଆପଣଙ୍କ ବ୍ଲକ କିମ୍ୱା ରାଜ୍ୟର ଅନ୍ୟାନ୍ୟ ବିଦ୍ୟାଳୟଗୁଡ଼ିକ, ଆପଣଙ୍କ ସମ୍ୱଳ, ଉପଦେଶ ଏବଂ ସହାୟତା ଯୋଗାଇଦେବାରେ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାନ୍ତି । ବିଦ୍ୟାଳୟର ଭିତିରି ସମସ୍ୟାକୁ ସମ୍ମୁଖୀନ ହେବା ବହୁତ ସହଜ ମାତ୍ର ମନେରଖିବାକୁ ହେବ ଯେ ସେହିଭଳି ଏକା ପ୍ରକାର ସମସ୍ୟା ଅନ୍ୟ ବିଦ୍ୟାଳୟଠାରେ ମଧ୍ୟ ଥିବ ଏବଂ ସମାଧାନ ପାଇଁ କିଛି ସୂତ୍ର ବାହାରି କରିଥାଇପାରନ୍ତି ଯାହା ଆପଣଙ୍କୁ ସାହାଯ୍ୟ କରିବ । ଶିକ୍ଷଣ ସୁଯୋଗ ଏବଂ ସମାଧାନର ସୂତ୍ର ନିର୍ଣ୍ଣୟ କରିବା ପାଇଁ ଆପଣ ଅନ୍ୟ ବିଦ୍ୟାଳୟ ସହିତ ମିଶି କାର୍ଯ୍ୟ କରିପାରିବେ । ଉଦାହରଣସ୍ୱରୂପ, ଆପଣଙ୍କ କ୍ଲଷ୍ଟରର ଅନ୍ୟ ତିନୋଟି ସ୍କୁଲର ସହାୟତାରେ ବିଜ୍ଞାନର କେତେକ ଯନ୍ତ୍ରପାତି କିଣିବା ପାଇଁ ମିଳିତ ଭାବେ ପାଣ୍ଠି ସଂଗ୍ରହ କରିପାରିବେ, ଯାହାକୁ ପାଳି ଅନୁସାରେ ଗୋଟିଏ ସ୍କୁଲରୁ ଅନ୍ୟ ସ୍କୁଲକୁ ପରିବର୍ତ୍ତନ କରାଯାଇପାରିବ କିମ୍ୱା ଏକତ୍ରିତ ଭାବେ ଏକ ଆନ୍ତଃବିଦ୍ୟାଳୟ ଖେଳ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇପାରିବ ଯାହା ଶିକ୍ଷାର୍ଥୀଙ୍କ କ୍ରୀଡ଼ା ପାଠ୍ୟକ୍ରମକୁ ସମୃଦ୍ଧି କରିବ ତଥା ପୁରୁଣା ଶିକ୍ଷାର୍ଥୀମାନଙ୍କୁ କ୍ରୀଡ଼ା ପ୍ରଶିକ୍ଷଣ ଦେବା ଏବଂ ଆୟୋଜନ କରିବାର ସୁଯୋଗ ପ୍ରଦାନ କରିବ ।

ଠିକ୍ ସେହିଭଳି ସେଠାରେ ଆଞ୍ଚଳିକ ସ୍ୱେଚ୍ଛାସେବୀ ସଙ୍ଗଠନ ରହିଥିବ, ଯାହା ସହ ଆପଣ ସହଭାଗିତାରେ କାର୍ଯ୍ୟ କରିପାରିବେ । ଏହିସବୁ ଅନୁଷ୍ଠାନଗୁଡ଼ିକ ଆପଣଙ୍କ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି କରିବା ପାଇଁ ବିକଳ୍ପ ଉପାୟରେ କାର୍ଯ୍ୟଗୁଡ଼ିକ ଏବଂ ଭିନ୍ନ ଭିନ୍ନ ଶିକ୍ଷଣ

ଶିକ୍ଷାଦାନ ପ୍ରକ୍ରିୟାର ସମ୍ବଳ, ପଦ୍ଧତି, ବିଦ୍ୟା, ଉପକରଣ ଏବଂ ଭଲ ଅଭ୍ୟାସ କାର୍ଯ୍ୟର ଭାଗୀଦାରୀ ହେବା ଆପଣଙ୍କ ବିଦ୍ୟାଳୟ ପାଇଁ ଲାଭଦାୟକ ହୋଇପାରେ ।



ଚିତ୍ର ୨: ଅନ୍ୟ ବିଦ୍ୟାଳୟ ଏବଂ ବେସରକାରୀ ଓ ଅନୁଷ୍ଠାନ ସହ ସହଭାଗିତାରେ କାର୍ଯ୍ୟ କରିବା ଆପଣଙ୍କ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ପାଇଁ ଫଳପ୍ରଦ ହୋଇପାରେ ।

## ପରିସ୍ଥିତି ଅଧ୍ୟୟନ ୨ : ପଥପ୍ରଦର୍ଶକ ଭାବରେ ଶିକ୍ଷଣର ଅଗ୍ରଣୀ ଭୂମିକା

ଭାରତର ମେଟ୍ରୋ ସହରରେ ଥିବା କେତେକ ରାତ୍ରିକାଳୀନ ବିଦ୍ୟାଳୟର ସଫଳତା ପାଇଥିବା ମୁଖ୍ୟମାନେ ଅନ୍ୟ ରାତ୍ରିକାଳୀନ ବିଦ୍ୟାଳୟକୁ "ନିଜର କାହାଣୀ କହିବା ପାଇଁ" ପଥପ୍ରଦର୍ଶକ ଭାବେ ପରିଦର୍ଶନରେ ଯାଇଥାନ୍ତି । ଏହାର ମୂଳ ଲକ୍ଷ୍ୟ ହେଉଛି ବିଦ୍ୟାଳୟ ମୁଖ୍ୟମାନଙ୍କ ମଧ୍ୟରେ ଏକ ଉନ୍ନତ ଭାବର ଆଦାନ ପ୍ରଦାନକୁ ବୃଦ୍ଧି କରିବା ଯାହାଦ୍ୱାରା ସେମାନେ ସେମାନଙ୍କର ସମସ୍ୟା, ସଫଳତା ଏବଂ ପ୍ରତିବନ୍ଧକ ସମ୍ବନ୍ଧରେ ସମସ୍ତଙ୍କ ମଧ୍ୟରେ ଆଲୋଚନା କରିବାକୁ ଆରମ୍ଭ କରିବେ । ଏହିଭଳି ତଥ୍ୟର ଆଦାନ ପ୍ରଦାନର ଚିନ୍ତାଧାରାକୁ ବିଦ୍ୟାଳୟ ସ୍ତରୀୟ ନେତୃତ୍ୱକୁ ବୃଦ୍ଧିର ସୁଯୋଗ ରୂପେ ଦେଖାଯାଏ ଏବଂ ଶିକ୍ଷାର୍ଥୀଙ୍କ ଶିକ୍ଷଣର ମଧ୍ୟ ଉନ୍ନତି କରିଥାଏ । ପରିଦର୍ଶନ ସମୟରେ ଅଭିଜ୍ଞ ପଥପ୍ରଦର୍ଶକ ସେମାନଙ୍କର ଅଭିଜ୍ଞତାକୁ ଆଦାନପ୍ରଦାନ କରିଥାନ୍ତି ଏବଂ ପଥପ୍ରଦର୍ଶନକାରୀ ସେମାନଙ୍କ ବିଦ୍ୟାଳୟକୁ ଫେରିଯାଇ କାର୍ଯ୍ୟକୁ ନିରୀକ୍ଷଣ କରିବା ପାଇଁ ସ୍ୱାଗତ କରିବା ଆବଶ୍ୟକ ।

ପ୍ରାଥମିକ ପରିଦର୍ଶନର ପ୍ରଥମ ପର୍ଯ୍ୟାୟରେ ଗପ ଶୁଣିବା ଏବଂ ତା' ଉପରେ ଭାବର ଆଦାନ ପ୍ରଦାନକୁ ଏକ ଦୃଢ଼ ସମ୍ପର୍କ ସୃଷ୍ଟିର ମୂଳଦୁଆ ରୂପେ ଦେଖାଯାଏ । ବ୍ୟକ୍ତିଗତ ପଥପ୍ରଦର୍ଶକ ତାଙ୍କର ଶିଷ୍ୟମାନଙ୍କୁ ସାଙ୍ଗରେ ଧରି ବିଦ୍ୟାଳୟର ବିଭିନ୍ନ ପରିସରର ପରିସ୍ଥିତି ଓ ଦୈନନ୍ଦିନ କାର୍ଯ୍ୟଗୁଡ଼ିକୁ କେବଳ ଦେଖିବା ଓ ଶୁଣିବା ପାଇଁ ଅନୌପଚାରିକ ଭାବେ ବିଦ୍ୟାଳୟର ବାରଣ୍ଡାରେ ବୁଲିପାରନ୍ତି । ବେଳେ ବେଳେ ଏହାକୁ 'ଶିକ୍ଷଣର ଚାଲିବା' ପ୍ରକ୍ରିୟା କୁହାଯାଏ ଏବଂ ଆଲୋଚନା ପାଇଁ ଉପଯୁକ୍ତ ନିରୀକ୍ଷଣ କରିବାକୁ ସୁଯୋଗ ସୃଷ୍ଟି କରିବ । ଏକ ଶିକ୍ଷଣର ଚାଲିବା ପ୍ରକ୍ରିୟା, ଅନେକ ଔପଚାରିକ ଶ୍ରେଣୀଗୃହର ନିରୀକ୍ଷଣ କାର୍ଯ୍ୟକୁ ଅନୁକରଣ କରିଥାଏ ଯାହା ଏକ ନିର୍ଦ୍ଦିଷ୍ଟ ଶିକ୍ଷଣ ଏବଂ ଶିକ୍ଷାଦାନ ପ୍ରକ୍ରିୟା ଉପରେ ଧ୍ୟାନ ରଖିଥାଏ ।

ପଥ ପ୍ରଦର୍ଶକ – ଶିଷ୍ୟ, ବିଦ୍ୟାଳୟର ଅଭ୍ୟାସ କାର୍ଯ୍ୟକୁ ବୁଝିବା ପାଇଁ ପରିଦର୍ଶନରେ ଆସନ୍ତି ଏବଂ ସେମାନଙ୍କର ସମସ୍ୟାକୁ ସମାଧାନ କରିବା ପାଇଁ ଶିଷ୍ୟଙ୍କୁ ସାହାଯ୍ୟ କରନ୍ତି । ଏଭଳି ସାହାଯ୍ୟ ନ କଲେ ସେମାନେ ବିଦ୍ୟାଳୟକୁ ପରିଦର୍ଶନରେ ଆସିବାର କୌଣସି ଯଥାର୍ଥତା ନାହିଁ । ପ୍ରକୃତରେ ପଥପ୍ରଦର୍ଶକ ମଧ୍ୟ ଏହି ଉପାୟରୁ କିଛି ଶିଖିଥାନ୍ତି, ଯେପରି କି ସେମାନେ ଅନ୍ୟ ବିଦ୍ୟାଳୟକୁ ପରିଦର୍ଶନରେ ଯିବା ସମୟରେ ଏବଂ ଶିଷ୍ୟମାନଙ୍କ ସହ ଆଲୋଚନା କରିବା ସମୟରେ ମଧ୍ୟ ଶିଖିଥାନ୍ତି । ଏକ ସୁନ୍ଦର ପଥପ୍ରଦର୍ଶନ ମଡେଲ ହେଉଛି ଏକ ଦ୍ୱି-ପାକ୍ଷିକ ଶିକ୍ଷଣ ପ୍ରକ୍ରିୟା ଯାହାକି ଉଭୟ ବିଦ୍ୟାଳୟର ଉନ୍ନତି ଆଗକୁ ବଢ଼ାଇ ନେଇଥାଏ ।

## ଶିକ୍ଷଣକାର୍ଯ୍ୟ-୩ : ଭାଗୀଦାରୀ ପାଇଁ ପ୍ରସ୍ତାବର ସମୃଦ୍ଧି

ପରିସ୍ଥିତି ଅଧ୍ୟୟନ-୨ରେ ଉଦାହରଣ ଦିଆଯାଇଛି ଯେ ଶିକ୍ଷଣ ଓ ସାମିଲ ହୋଇଥିବା ବିଦ୍ୟାଳୟ ମୁଖ୍ୟଙ୍କୁ ସହାୟତା କିପରି ଆଞ୍ଚଳିକ ଭାଗୀଦାରିତା ମାଧ୍ୟମରେ ବିଦ୍ୟାଳୟମାନଙ୍କ ମଧ୍ୟରେ ହୋଇଥାଏ। ବର୍ତ୍ତମାନ ଆପଣ ଆପଣଙ୍କର ପରିସ୍ଥିତିକୁ ଚିନ୍ତା କରନ୍ତୁ ଏବଂ ଆପଣଙ୍କ ଅଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟ ଏବଂ ବେସରକାରୀ ସଂସ୍ଥା ଯେଉଁମାନଙ୍କ ସହ ଆପଣ ସହଭାଗିତାରେ କାମ କରିପାରିବେ, ତା'ର ଏକ ତାଲିକା ଶିକ୍ଷଣ ଡାଏରୀରେ କରନ୍ତୁ।

ଆପଣଙ୍କ ବିଦ୍ୟାଳୟରେ ଅନ୍ୟମାନଙ୍କୁ ସାମିଲ କରି ଏହି କାର୍ଯ୍ୟକୁ ଆଗକୁ ବଢ଼େଇବାକୁ ଚାହିଁପାରନ୍ତି। ଉଦାହରଣସ୍ୱରୂପ, ଆପଣ ଗୋଟିଏ ପୋଷ୍ଟର ଲଗେଇବେ ଯେଉଁଠି ଆପଣଙ୍କର ସହକର୍ମୀ ବେସରକାରୀ ସଂସ୍ଥା ଓ ଅନ୍ୟ ବିଦ୍ୟାଳୟର ନାମ ଓ ସେମାନେ ସେହି ଅନୁଷ୍ଠାନମାନଙ୍କ ସହ କିପରି ସମ୍ପର୍କିତ ଲେଖିପାରିବେ। ଯଦି ଏଭଳି ସମ୍ପର୍କ ପୂର୍ବରୁ ଅଛି ତାହାହେଲେ ଆପଣ ତା' ଉପରେ ସମ୍ପର୍କ ସୃଷ୍ଟି କରିପାରିବେ। ଏହା ବହୁତ ଦରକାରରେ ଆସିପାରେ।

ସହଭାଗିତା ମାଧ୍ୟମରେ କାମ କରିବା ପାଇଁ ସମ୍ଭାବ୍ୟ ଅନୁଷ୍ଠାନର ତାଲିକା ଥରେ ହୋଇଗଲା ପରେ, ଚିନ୍ତା କରନ୍ତୁ ଯେ ଆପଣଙ୍କର ସହଭାଗିତା କେଉଁଥିରେ ଗୁରୁତ୍ୱ ଦେଇପାରିବ, ଆପଣଙ୍କ ଚିନ୍ତାଧାରା ଆପଣଙ୍କ ବିଦ୍ୟାଳୟର ଆହ୍ୱାନଗୁଡ଼ିକ ସହିତ ଖୁବ୍ ସୁନ୍ଦର ଭାବେ ସମ୍ପର୍କିତ ହୋଇପାରେ ଯଥା ଉପଲବ୍ଧ ସ୍ତର କମ୍ ହାସଲ କରିଥିବା ଶିକ୍ଷାର୍ଥୀଙ୍କ ଆବଶ୍ୟକତାକୁ ପୂରଣ କରିବା ବା ପ୍ରଯୁକ୍ତି ବିଦ୍ୟା ସମ୍ବନ୍ଧରେ ଜ୍ଞାନ ଆହରଣ କରିବ। ଏହି ସମସ୍ୟାଗୁଡ଼ିକ ହୁଏତ ଆଗରୁ ଚିହ୍ନଟ ହୋଇସାରିଥିବ - ଉଦାହରଣସ୍ୱରୂପ ଆପଣଙ୍କ ବିଦ୍ୟାଳୟର ବିକାଶ ଯୋଜନା କିମ୍ବା ଏମିତି କୌଣସି ଏକ ସୁଯୋଗ ଯାହା ସମ୍ବନ୍ଧରେ ଆପଣ କେବେ ଚିନ୍ତା କରି ନ ଥିବେ। ପୁଣିଥରେ, ଆପଣ ଏହାକୁ ଆପଣଙ୍କର ସହକର୍ମୀଙ୍କ ଦଳ ଆଗରେ ପ୍ରକାଶ କରିବାକୁ ଇଚ୍ଛା କରିପାରନ୍ତି, ଯେଉଁମାନେ କେତେକ ନୂତନ ତଥ୍ୟ ସୃଷ୍ଟି କରିପାରନ୍ତି ଯାହା ସେମାନଙ୍କର ନିଜସ୍ୱ ଚିନ୍ତାଧାରା ଏବଂ ଦକ୍ଷତା ସମ୍ବଳିତ ହୋଇଥିବା ଦରକାର। ଉଦାହରଣସ୍ୱରୂପ, ଜଣେ ଯୁବ ମହିଳା ଶିକ୍ଷୟତ୍ରୀ କୌଣସି ଏକ ବିଦ୍ୟାଳୟ ସହ ସହଭାଗିତା କରିବା ପାଇଁ ଉପଦେଶ ଦେଇପାରନ୍ତି, ଯେଉଁଠାରେ ନାଚ କାର୍ଯ୍ୟ କରିବା ପାଇଁ ବଡ଼ ହଲ୍ ଥିବ, ତତ୍‌ସହିତ ଆଞ୍ଚଳିକ ନୃତ୍ୟ କାର୍ଯ୍ୟ ସମ୍ପାଦନ ହେବା ସହ ସେହି ହଲ୍‌ରେ ନିଜର ଦକ୍ଷତା ପ୍ରଦର୍ଶନ ଲାଗି ଅନ୍ୟ ବିଦ୍ୟାଳୟ ପାଇଁ ଉପଯୁକ୍ତ ସୁଯୋଗ ରହିଥିବ କିମ୍ବା ସହଭାଗିତା ମାଧ୍ୟମରେ ଦୁଇ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ପାଇଁ କିଛି ସୁଯୋଗ ରହୁଥିବ।

ସମ୍ଭାବ୍ୟ ସହଭାଗୀତା ଉପରେ ଚିନ୍ତା କରିସାରିବା ପରେ ପରବର୍ତ୍ତୀ ପଦକ୍ଷେପ ହେଉଛି ଅନ୍ୟ ଅନୁଷ୍ଠାନମାନଙ୍କ ସହ ସମ୍ପର୍କ ରଖି ଆପଣଙ୍କ ବିଦ୍ୟାଳୟ ସହିତ ସେମାନଙ୍କର ସହଭାଗୀତାର ଆଗ୍ରହ ସ୍ତରକୁ ଯାଞ୍ଚ କରିବେ। ଯଦି ସେମାନେ ଉଭୟଙ୍କୁ ମିଳୁଥିବା ଉପକାର ବା ସେମାନଙ୍କୁ ମିଳୁଥିବା ଲାଭକୁ ଚିହ୍ନଟ କରିବେ ତେବେ ସହଭାଗୀତାରେ କାର୍ଯ୍ୟ କରିବାକୁ ଆଗ୍ରହୀ ହେବେ। ସେମାନଙ୍କର ଆଗ୍ରହକୁ ଧରିରଖିବା ପାଇଁ ଓ ମୁକ୍ତ ବାର୍ତ୍ତାଳାପ ପାଇଁ ଆପଣଙ୍କର ଚିନ୍ତାଧାରାଗୁଡ଼ିକୁ ଉପସ୍ଥାପନ କରିବାର ଆବଶ୍ୟକତା ରହିଛି।

ଆପଣଙ୍କ ଚିନ୍ତାଧାରାର ଉପସ୍ଥାପନ ଯେପରି ସେମାନଙ୍କୁ ଆପଣଙ୍କ ପ୍ରସ୍ତାବକୁ ଉନ୍ନତି ପାଇଁ ସେମାନଙ୍କ ଚିନ୍ତାଧାରାରୁ ସେମାନଙ୍କ ଚିନ୍ତାଧାରାରୁ ସେମାନଙ୍କ ନିବୃତ୍ତ କରିବା ଉଚିତ ହେବ ନାହିଁ। ମନେରଖନ୍ତୁ, ସହଭାଗିତା ଏକ ଦ୍ୱି-ପାକ୍ଷିକ ପ୍ରକ୍ରିୟା ଅଟେ ଏବଂ ଆପଣମାନେ ଏକମତ ହେବେ ଯେ କିଭଳି ଆପଣମାନେ ଏକତ୍ରିତ ଭାବେ କାର୍ଯ୍ୟ କରିବେ।

ସମ୍ବଳ-୨ରେ ଦିଆଯାଇଥିବା ସୂଚନାପତ୍ର ଅନୁଯାୟୀ ସହଭାଗିତା ତଥ୍ୟର ଗୋଟିଏ ସାମ୍ଭାବ୍ୟ ଚିନ୍ତାଧାରା ଉପରେ କାର୍ଯ୍ୟ କରନ୍ତୁ। ସମ୍ପୂର୍ଣ୍ଣ ରୂପେ ଆପଣ ଏହାକୁ ପୂରଣ କରିପାରିବେ ନାହିଁ କିମ୍ବା ନିଜେ ଉପଯୁକ୍ତ ଭାବେ ଠିକ୍ କରିପାରିବେ ନାହିଁ ମାତ୍ର ଏହି ପ୍ରକ୍ରିୟା ଆପଣଙ୍କୁ ଆପଣଙ୍କର କଥାବାର୍ତ୍ତାକୁ ଆଗକୁ ନେବା ପାଇଁ ଏକ ଉପଯୁକ୍ତ ମାର୍ଗ ଦର୍ଶାଇବ ଏବଂ ଏହାର ବୈଧତାର ପ୍ରତିଫଳନ ପାଇଁ ଆପଣଙ୍କୁ ଏକ ସୁଯୋଗ ପ୍ରଦାନ କରିବ।

**ଆଲୋଚନା**

ଅନେକ ତଥ୍ୟ ଏବଂ ପରିସର ଯେଉଁଠି ଆପଣ ସହଭାଗିତାରେ କାର୍ଯ୍ୟ କରିପାରୁଥିବେ ତାହା ସମ୍ବନ୍ଧରେ ଆପଣଙ୍କର ଚିନ୍ତାଧାରା ରହିଥାଇପାରେ। ମନରେ ରଖିଥିବେ ଯେ ସହଭାଗିତାରେ କାର୍ଯ୍ୟ କରିବା ପାଇଁ ସମୟର ଆବଶ୍ୟକତା ରହିଛି ଏବଂ ସହାୟତା ଜାରି ରହିବ, ଯାହାଦ୍ୱାରା ଆପଣ ବାସ୍ତବବାଦୀ ହୋଇପାରିବେ ଯେ ଏକ ସମୟରେ ଆପଣ କେତୋଟି ସହଭାଗିତାର କାର୍ଯ୍ୟରେ ନିୟୋଜିତ କରିପାରୁଛନ୍ତି। ଏହା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ ଯେ ଯେତେବେଳେ ଆପଣ ନିଜଦ୍ୱାରା କୌଣସି ସହଭାଗିତାର କାର୍ଯ୍ୟ ପାଇଁ ଏକ ଉପାୟ ସ୍ଥିର କରୁଛନ୍ତି, ତାହା ବହୁତ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଏହି ଧରଣର କାର୍ଯ୍ୟର ଗୁରୁତ୍ୱ ସେତେବେଳେ ବଢ଼ିଯିବ ଯେତେବେଳେ ଅଧିକରୁ ଅଧିକ ଲୋକ ଏଥିରେ ସାମିଲ ହେବେ ଏବଂ ଯେବେ ଉଭୟପକ୍ଷ ସୁବିଧା ଏବଂ ସୁଯୋଗ ସମ୍ବନ୍ଧରେ ଚିନ୍ତା କରିବେ। ଯଦି ଏହା ହୁଏ, ତେବେ ଆପଣଙ୍କର ଯୋଜନା ସଫଳ ହେବ। ଭାଗୀଦାରିତା କାର୍ଯ୍ୟ ପାଇଁ ବହୁ ସମୟ ଦରକାର ଏବଂ ଏହା ସଫଳ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ଉଭୟ ପକ୍ଷ ତରଫରୁ ଏହାର ସୁଫଳ, ଆଶଙ୍କା ଏବଂ ପ୍ରତ୍ୟାଶିତ ଫଳାଫଳ ଉପରେ ସମ୍ପୂର୍ଣ୍ଣ ଧାରଣା ନ ଥାଏ।

## ୩ ଗୋଷ୍ଠୀ ସଂସ୍ଥା ଏବଂ ସ୍ଥାନୀୟ ବ୍ୟବସାୟ ମଧ୍ୟରେ ସହଭାଗିତା

ଗୋଷ୍ଠୀ ସଂସ୍ଥା ଏବଂ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ସହାୟତା ନେଇ ବିଦ୍ୟାଳୟକୁ ପରିଚାଳନା କରିବାକୁ ପଡ଼ିଥାଏ। ଆପଣଙ୍କ ବିଦ୍ୟାଳୟ ନିକଟରେ ଅନେକଗୁଡ଼ିଏ ଗୋଷ୍ଠୀ ସଂସ୍ଥା ରହିଥାଇପାରେ। କେତେକ ଅନୌପଚାରିକ ଭାବେ ରହିଥାନ୍ତି ଯେପରି କି ମାତୃ ସଙ୍ଗଠନ କିମ୍ବା ସ୍ୱୟଂସହାୟକ ଦଳ; ଅନ୍ୟମାନେ କେତେକ ନିର୍ଦ୍ଦିଷ୍ଟ ଧରଣର ସେବା ଏବଂ କାର୍ଯ୍ୟକ୍ରମ ପ୍ରଦାନ କରିଥାନ୍ତି, ଯାହା ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ନିକଟରେ ଥିବା ସମ୍ବଳର ବ୍ୟବହାର ମାଧ୍ୟମରେ ନିଜର ସୁଯୋଗକୁ ବୃଦ୍ଧି କରିପାରିବେ, ଯାହାକୁ ଅନ୍ୟ କିଛି ମାଧ୍ୟମ ଦ୍ୱାରା ଆକଳନ କରାଯାଇପାରିବ ନାହିଁ। ସେମାନେ ବିଭିନ୍ନ କାର୍ଯ୍ୟକ୍ରମ ପ୍ରଚଳନ କରୁଛନ୍ତି; ସାକ୍ଷରତା କାର୍ଯ୍ୟକ୍ରମ ଏବଂ ଗାଣିତିକ ଦକ୍ଷତାଠାରୁ ଆରମ୍ଭ କରି କଳା, ଜୀବନ ଶୈଳୀ, ବିଜ୍ଞାନ ଏବଂ କୃଷିର ଲୋକପ୍ରିୟତା, ବାର୍ତ୍ତାଳାପର ଦକ୍ଷତା ଏବଂ କର୍ମଭିତ୍ତିକ ଶିକ୍ଷା ଇତ୍ୟାଦି। କେତେକ ବିଦ୍ୟାଳୟର ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ସାହାଯ୍ୟ ସହଯୋଗ ପ୍ରଦାନ କରନ୍ତି, ଅନ୍ୟମାନେ ଶିକ୍ଷାର୍ଥୀଙ୍କ ଶିକ୍ଷାର୍ଥୀବୃତ୍ତି ଏବଂ ଅନ୍ୟ କେତେକ ବିଦ୍ୟାଳୟର ଆସବାବପତ୍ର କାର୍ଯ୍ୟରେ ସାହାଯ୍ୟ ପ୍ରଦାନ କରନ୍ତି। ବିଦ୍ୟାଳୟ ଏବଂ ଗୋଷ୍ଠୀ ସଂସ୍ଥା ମଧ୍ୟରେ ଉତ୍ତମ ସହଭାଗିତା ରହିବା ଫଳରେ ଶିକ୍ଷକଙ୍କ ଦକ୍ଷତା ଅନୁଯାୟୀ ବିଭିନ୍ନ ସେବା କାର୍ଯ୍ୟକୁ ସୁରୁଖୁରୁରେ ସମ୍ପନ୍ନ କରାଯାଇପାରୁଛି।

ଭିଡ଼ିଓ : ବିଦ୍ୟାଳୟର ନେତୃତ୍ୱ – ବିଦ୍ୟାଳୟ ଓ ଗୋଷ୍ଠୀର ସହଭାଗିତା ସ୍ଥାପନ କରିବା।

ଗୋଷ୍ଠୀର ସଙ୍ଗଠନ ଓ ସ୍ଥାନୀୟ ବ୍ୟବସାୟୀଙ୍କ ସହ ବିଦ୍ୟାଳୟର କାର୍ଯ୍ୟସୂଚୀ ଓ ପାଠ୍ୟକ୍ରମକୁ ସାମିଲ କରିବେ। ଏହି ଭାଗିଦାରୀତାକୁ ଶିକ୍ଷାର୍ଥୀଙ୍କର ଶିକ୍ଷଣର ଅଭିବୃଦ୍ଧିରେ ବ୍ୟବହାର କରିବେ। ଶିକ୍ଷାର୍ଥୀଙ୍କ ଦ୍ୱାରା କ୍ଷେତ୍ର ପରିଭ୍ରମଣ ଏବଂ ଅଭିଜ୍ଞ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବିଦ୍ୟାଳୟ ପରିଦର୍ଶନ ହେଉଛି ଦୁଇଟି ଉପଯୁକ୍ତ ଉଦାହରଣ ଅଟେ ଯେଉଁ ଉପାୟରେ ଆପଣ ଶିକ୍ଷଣ ସ୍ତରକୁ ଉନ୍ନତି କରିପାରିବେ। ବିଦ୍ୟାଳୟ କ୍ୟାଲେଣ୍ଡର ଏବଂ ପାଠ୍ୟକ୍ରମ ଆଧାରରେ ଏକ ଶ୍ରେଣୀର ମାନଚିତ୍ର କିଭଳି ପ୍ରସ୍ତୁତ କରିହେବ ତାହାର ଏକ ସୁନ୍ଦର ଉଦାହରଣ ଟେବୁଲ ୧ରେ ସ୍ଥାନିତ ହୋଇଛି।

**ସାରଣୀ ୧. ଷଷ୍ଠ ଶ୍ରେଣୀ ନିମନ୍ତେ ଗୋଷ୍ଠୀ ସହଭାଗିତା ସୃଷ୍ଟିର ଉଦାହରଣ**

| ବିଷୟ | ପ୍ରସଙ୍ଗ | ଅନୁଷ୍ଠାନ | ଯୋଗାଯୋଗ | ଉଦ୍ଦେଶ୍ୟ | ମାସ |
|---|---|---|---|---|---|
| ଭୂଗୋଳ | ମୃତ୍ତିକା | କୃଷକଙ୍କ ସମବାୟ | ଶ୍ରୀମତୀ ବେହେରା | ମୃତ୍ତିକାର ପ୍ରକାରଭେଦ ଏବଂ ଏହାର ଚିହ୍ନଟକରଣ | ଜୁଲାଇ ପରିଦର୍ଶନ |
| ନଗର | ସ୍ଥାନୀୟ ସ୍ୱାୟତ୍ତ | ପଞ୍ଚାୟତ | ଶ୍ରୀମତୀ ସ୍ୱାଇଁ | ପଞ୍ଚାୟତର ଦାୟିତ୍ୱ ନିର୍ବାହ | ଅଗଷ୍ଟ |

| | | | | | |
|---|---|---|---|---|---|
| ବିଜ୍ଞାନ | ସରକାର | | | | ପରିଦର୍ଶନ |
| ବିଜ୍ଞାନ | ଧ୍ୱନି | ଯନ୍ତ୍ର ପ୍ରସ୍ତୁତକାରୀ କର୍ମଶାଳା | ମିଷ୍ଟର ନାୟକ | ଷ୍ଟ୍ରିଙ୍ଗର ବ୍ୟବହାର ଦ୍ୱାରା ଏକ ଯନ୍ତ୍ରର ପ୍ରସ୍ତୁତି | ସେପ୍ଟେମ୍ବର ପରିଦର୍ଶନ |
| ଇଂରାଜୀ | ପତ୍ରଲିଖନ | ପୋଷ୍ଟ ଅଫିସ | ମିଷ୍ଟର ବ୍ରହ୍ମ | ପତ୍ରଲିଖନର ଉପାୟ ଏବଂ ପିନ୍‌କୋଡ୍ | ଅକ୍ଟୋବର ପରିଦର୍ଶନ |
| ଇତିହାସ | ପରମ୍ପରା | ଦିଲ୍ଲୀ ସୁଲତାନ | ମିଷ୍ଟର ମହାନ୍ତ | ସମ୍ବଳର ଚିହ୍ନଟକରଣ ଏବଂ ଏହା କେଉଁଠୁ ଆସିଛି ଏବଂ ଏହାର ପ୍ରସ୍ତୁତ ପ୍ରଣାଳୀ | ଜାନୁୟାରୀ ପରିଦର୍ଶନ |

କ୍ଷେତ୍ର ପରିଭ୍ରମଣ ପାଇଁ ଯୋଜନା ପ୍ରସ୍ତୁତି ଆଦୌ ସହଜ ନୁହେଁ, ଯେହେତୁ ଏଥିପାଇଁ ଅନୁମତିର ଆବଶ୍ୟକତା ରହିଛି, ନିର୍ଦ୍ଦିଷ୍ଟ ଲୋକଙ୍କ ଏକତ୍ରୀକରଣ ଏବଂ ନିର୍ଦ୍ଦିଷ୍ଟ ସ୍ଥାନକୁ ଶିକ୍ଷାର୍ଥୀଙ୍କ ନିରାପଦ ଯାତାୟାତ ଏବଂ ବିଦ୍ୟାଳୟକୁ ପୁନଃ ପ୍ରତ୍ୟାବର୍ତ୍ତନର କାର୍ଯ୍ୟ ରହିଛି। କ୍ଷେତ୍ର ପରିଭ୍ରମଣର ଆୟୋଜନ ପାଇଁ ଆପଣଙ୍କର ଶିକ୍ଷକ ଆପଣଙ୍କ ନିକଟରୁ ସହାୟତା ଏବଂ ଉତ୍ସାହ ଆବଶ୍ୟକ ମନେ କରୁଥାଇପାରନ୍ତି। ମନେରଖନ୍ତୁ ଯେ ଶିକ୍ଷାର୍ଥୀଙ୍କ ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା କମିଟି, ଉଭୟ ଗୋଟିଏ ଗୋଟିଏ ସମ୍ବଳ ଅଟନ୍ତି ଏବଂ ଯଦି ଆପଣ ସହାୟତା ଆବଶ୍ୟକ ମନେକରନ୍ତି ତେବେ କିଛି ଅଧିକ ସ୍ଥାନ ଅତିକ୍ରମ କରିବା ପାଇଁ ଇଚ୍ଛାପ୍ରକାଶ କରିବେ, ଏପରି କି ଶିକ୍ଷାର୍ଥୀ ଓ ବୟସ୍କଙ୍କ ମଧ୍ୟରେ ଉପଯୁକ୍ତ ଅନୁପାତକୁ ସ୍ଥିର ରଖିବା ପାଇଁ ଶିକ୍ଷାର୍ଥୀଙ୍କୁ କ୍ଷେତ୍ର ପରିଭ୍ରମଣରେ ଉପଯୁକ୍ତ ସହାୟତା ପ୍ରଦାନ କରିପାରିବେ।

ବିଦ୍ୟାଳୟର ମୁଖ୍ୟ ହେତୁ ଆପଣଙ୍କର ଦାୟିତ୍ୱ ହେଉଛି :

- ଆପଣଙ୍କ ବିଦ୍ୟାଳୟ ସହ ଗୋଷ୍ଠୀ ସଂସ୍ଥାକୁ ସମ୍ପୃକ୍ତ କରି ରଖିବା
- ଉପଯୁକ୍ତ ଅଭ୍ୟାସ କାର୍ଯ୍ୟର ସ୍ଥିରୀକରଣ
- ତଦାରଖ ଏବଂ ମୂଲ୍ୟାୟନର ପ୍ରଭାବ

ବିଦ୍ୟାଳୟ ପରିଚାଳନା କମିଟି ପାଖରୁ କୌଣସି ବି ସହଭାଗିତାକୁ ଅନୁମୋଦନ କରିବାର ଆବଶ୍ୟକତା ଅଛି ଏବଂ ଏହାର ପ୍ରଭାବକୁ ନିୟମିତ ପ୍ରକ୍ରିୟାରେ ପ୍ରକାଶିତ ହେବା ଆବଶ୍ୟକ ଏବଂ ନିଶ୍ଚିତ କରିବାକୁ ହେବ ଯେ ଏହା ବିଦ୍ୟାଳୟ ପାଇଁ ବହୁତ ଦରକାରୀ ଏବଂ ଉପଯୁକ୍ତ ଭାବେ ପରିଚାଳିତ ହେଉଛି।

## ଶିକ୍ଷଣକାର୍ଯ୍ୟ-୪ : ବିଜ୍ଞାନ କାର୍ଯ୍ୟ ଭିତ୍ତିକ କେନ୍ଦ୍ରକୁ ଏକ କ୍ଷେତ୍ର ପରିଭ୍ରମଣ=

କୌଣସି ଏକ ସଂସ୍ଥା ଦ୍ୱାରା ଦୀର୍ଘଦିନ ଧରି ପରିଚାଳିତ ହେଉଥିବା ଏକ ବିଜ୍ଞାନ କର୍ମଶାଳାକୁ ନବମ ଶ୍ରେଣୀର ଶିକ୍ଷାର୍ଥୀମାନେ ପରିଦର୍ଶନରେ ଯାଇଥିଲେ। ଜଣେ ଶିକ୍ଷାର୍ଥୀ ବିଦ୍ୟାଳୟ ବ୍ଲଗ ପାଇଁ କେତେକ ଉକ୍ତି ଲେଖିଥିଲେ (ମେହେଟା, ୨୦୧୪), ଯାହାକୁ ଆପଣ ନିମ୍ନରୁ ପଢ଼ିପାରିବେ।



ଚିତ୍ର-୩ : କ୍ଷେତ୍ର ପରିଭ୍ରମଣର କାହାଣୀ

ଆମର ଗନ୍ତବ୍ୟ ସ୍ଥଳ ଥିଲା ରେମୁଣା। ବାଲେଶ୍ୱରକୁ ଏହା ଥିଲା ଆମ୍ଭମାନଙ୍କର ଦ୍ୱିତୀୟ ଓ ଶେଷ ପରିଦର୍ଶନ, ଯେଉଁଠିକୁ ଆମ୍ଭେମାନେ ଅଷ୍ଟମ ଶ୍ରେଣୀରେ ମଧ୍ୟ ପରିଦର୍ଶନରେ ଯାଇଥିଲୁ। ଆଶ୍ଚର୍ଯ୍ୟଜନକ ଭାବେ ଆମ୍ଭେମାନେ ଯାହା ଏଥର କରିଥିଲୁ ତାହା ପୂର୍ବ ଅଭିଜ୍ଞତାଠାରୁ ସମ୍ପୂର୍ଣ୍ଣ ଅଲଗା ଥିଲା। ସମସ୍ତ ପ୍ରକାର ବନ୍ଦୋବସ୍ତ ବହୁତ ଭଲ ଥିଲା ଏବଂ ଆମ୍ଭେମାନେ ବହୁତ ଆରାମ ଅନୁଭବ କଲୁ।

ବିଜ୍ଞାନଭିତ୍ତିକ ଏହି ପରିଦର୍ଶନ ବହୁତ ଭଲ ଥିଲା ଏବଂ ଆମ୍ଭେମାନେ ପ୍ରକଳ୍ପ କାର୍ଯ୍ୟଭିତ୍ତିକ ଶିକ୍ଷଣ ପ୍ରକ୍ରିୟା ଏବଂ ବିଶ୍ୱର ଏହି ସୁନ୍ଦର ବିଜ୍ଞାନ ଜଗତରୁ ଏକାକୀ ଶିଖିବାର ଅନେକ ଅଭିଜ୍ଞତା ପାଇଲୁ। ପ୍ରକଳ୍ପ କାର୍ଯ୍ୟଭିତ୍ତିକ ଶିକ୍ଷଣ ପ୍ରକ୍ରିୟାର ଅଭିଜ୍ଞତା ଏକ ନୂତନ ଅଭିଜ୍ଞତା, ଯେଉଁଠି ଶିକ୍ଷାର୍ଥୀମାନଙ୍କ ମନରେ ଅନେକ ପ୍ରଶ୍ନ ଆସିଥାଏ ଏବଂ ପରୀକ୍ଷଣ ଦ୍ୱାରା ଆମେ ସିଦ୍ଧାନ୍ତରେ ଉପନୀତ ହୋଇଥାଉ କିମ୍ବା ଆକଳନ କରିଥିବା ପୂର୍ବ ଯୋଜନାକୁ ପରିବର୍ତ୍ତନ କରିବାକୁ ମଧ୍ୟ ସମର୍ଥ ହୋଇଥାଉ। ବିଜ୍ଞାନକୁ ମୁଁ ଆଗରୁ ଯେଭଳି ଭାବେ ଦେଖୁଥିଲି ବାସ୍ତବରେ ତାହା ସେପରି ନୁହେଁ। ଅତ୍ୟନ୍ତ ଉନ୍ନତ ମାନର ପରୀକ୍ଷାଗାରର ବିଭିନ୍ନ ଯନ୍ତ୍ରପାତିକୁ ନେଇ ପରୀକ୍ଷଣ କରିବା ଏକ ଅଭୁଲା ଅଭିଜ୍ଞତା ଏବଂ ନିଜକୁ ଜଣେ କୁନି ବୈଜ୍ଞାନିକ ଭାବେ ଅନୁଭୂତ ହେଉଥିଲା।

ପରିଦର୍ଶନର ମୁଖ୍ୟ ଅଂଶ ଥିଲା ଗୋଷ୍ଠୀମାନଙ୍କ ସହ ବୁଲିବା, ଯେଉଁଠି ଆମେ ଗ୍ରାମର ବାସ୍ତବ ଶିକ୍ଷାକୁ ଜାଣିପାରିଲୁ ଏବଂ ସ୍ଥାନୀୟ ବିଦ୍ୟାଳୟକୁ ପରିଦର୍ଶନରେ ଯାଇଥିଲୁ। ସେଠାକାର ଶିକ୍ଷାର୍ଥୀ ଭିନ୍ନ ଭିନ୍ନ କାର୍ଯ୍ୟଧାରାରେ ବହୁତ ଜ୍ଞାନୀ ଏବଂ ଚତୁର ମଧ୍ୟ। ସେମାନଙ୍କୁ ଦେଖିବା ଅତ୍ୟନ୍ତ ଗର୍ବର ବିଷୟ। ଆମେ କେତେକ ମଜାଳିଆ କାର୍ଯ୍ୟ ସେମାନଙ୍କ ସହ କରିଥିଲୁ।

ଆମେ ସର୍ବଦା ସେଇ ସୁନ୍ଦର ଅନୁଭୂତିକୁ ମୂଲ୍ୟବାନ ଭାବେ ମନେ ପକାଉଥିଲୁ, କଂସା ବାସନର ଅନୁସନ୍ଧାନ କରିବା ପାଇଁ ପରିଦର୍ଶନରେ ଯାଇଥିଲୁ ମାତ୍ର ରେମୁଣାର ସେଇ ସୁନ୍ଦର ସ୍ଥାନରେ ଚାଲି ଚାଲି ପହଞ୍ଚିବାକୁ ଆମେ ବହୁତ ଖୁସି ଅନୁଭବ କରୁଥିଲୁ ଏବଂ ଆମ୍ଭମାନଙ୍କ ପାଇଁ ଆକର୍ଷଣୀୟ ସାଂସ୍କୃତିକ ସନ୍ଧ୍ୟାରେ ଆୟୋଜନ କରାଯାଇଥିଲା, ଯେଉଁଠି ଆମେ ନାଚିଲୁ, ଗୀତ ଗାଇଲୁ, ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇ ବଜାଇ ଥକି ଗଲୁ। ମୁଁ ଏହା କହି ଶେଷ କରିବାକୁ ଚାହୁଁଛି ମଜା ଏବଂ ଶିକ୍ଷା ତୁମ ନିକଟକୁ ଭିନ୍ନ ଉପାୟରେ ଆସିବ ଏବଂ ସେହି ଉପାୟରେ ହେଉଥିବା ଶିକ୍ଷଣ ସବୁଠାରୁ ଉନ୍ନତ।

ବର୍ତ୍ତମାନ ନିଜ ଶିକ୍ଷଣ ପୁସ୍ତିକାରେ ଲିପିବଦ୍ଧ କରନ୍ତୁ ଯେ ବିଦ୍ୟାଳୟର ମୁଖ୍ୟ ଏବଂ ବିଜ୍ଞାନ ଶିକ୍ଷକ, ଶିକ୍ଷାର୍ଥୀଙ୍କୁ ସେଇ କେନ୍ଦ୍ରକୁ ପଠାଇବା ପୂର୍ବରୁ କେଉଁ ଚିନ୍ତାଧାରାକୁ ନେଇ ଆଲୋଚନା କରିଥିଲେ ଆଉ ସଫଳ ଅଭିଯାନ ପାଇଁ ନିଶ୍ଚିତ ହେବାକୁ ଚାହୁଁଥିଲେ। ଆହୁରି ମଧ୍ୟ ଏହି ପରିଭ୍ରମଣରୁ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଦୃଷ୍ଟିକୋଣରୁ ଆପଣ କ'ଣ ହାସଲ କଲେ ବୋଲି ଅନୁଭବ କରୁଛନ୍ତି, ତାହାକୁ ମଧ୍ୟ ଲିପିବଦ୍ଧ କରନ୍ତୁ।

**ଆଲୋଚନା:**

ଆପଣଙ୍କ ବିଦ୍ୟାଳୟର ମୁଖ୍ୟ ଏବଂ ବିଜ୍ଞାନ ଶିକ୍ଷକ, ଯାତ୍ରା ପୂର୍ବରୁ ନିମ୍ନଲିଖିତ ଚିନ୍ତାଧାରା ଉପରେ ଆଲୋଚନା କରିଥାଇପାରନ୍ତି;

- ତାରିଖ
- ଥଇଥାନ ହେବାକୁ ଥିବା ମୋଟ ଶିକ୍ଷାର୍ଥୀ
- ଯାତାୟାତ
- ରହିବା ସ୍ଥାନ
- ବଜେଟ ବା ଅନୁଦାନ
- ଦୈନିକ କାର୍ଯ୍ୟକ୍ରମ
- ପ୍ରଶିକ୍ଷକ ମହୋଦୟ
- ଖାଦ୍ୟ ଏବଂ ଏହାର ତାଲିକା
- ସୁରକ୍ଷା
- ଅଧିକ କାର୍ଯ୍ୟଧାରା
- ମେଡିକାଲ ସହାୟତା
- ପାଠ୍ୟକ୍ରମ

ବିଦ୍ୟାଳୟ ମୁଖ୍ୟ, ଅଭିଭାବକଙ୍କ ସହ ଆଲୋଚନା କରିଥିବା ଦିଗଗୁଡ଼ିକ ହେଉଛି :

- କ୍ଷେତ୍ର ପରିଭ୍ରମଣର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା
- ଅନୁମତି ପାଇବା ପାଇଁ ଏକ ନିୟମାବଳୀ
- ଶିକ୍ଷାର୍ଥୀ ସାଥିରେ ନେଇକରି ଯିବାକୁ ଥିବା ଆସବାବପତ୍ରର ତାଲିକା
- ଶିକ୍ଷାର୍ଥୀଙ୍କୁ ନେବା ଏବଂ ଛାଡ଼ିବାର ଦିନ, ତାରିଖ ଏବଂ ସମୟ

ପରିଭ୍ରମଣରେ ଯାଉଥିବା ଯେକୌଣସି ଶିକ୍ଷକଙ୍କ ସହ ଆଲୋଚନା ନିମନ୍ତେ ସୂଚନାର ତାଲିକା ମଧ୍ୟ ରହିଥିବ।

## ଶିକ୍ଷଣକାର୍ଯ୍ୟ-୫ : ଆପଣଙ୍କର ଆପଣଙ୍କ ଗୋଷ୍ଠୀ ସହ ଥିବା ସହଭାଗିତାର ମୂଲ୍ୟାୟନ

ଆପଣଙ୍କ ବିଦ୍ୟାଳୟରେ ଚାଲିଥିବା ଗୋଷ୍ଠୀ ସହଭାଗିତାକୁ ବର୍ତ୍ତମାନ ଆମେ ପରୀକ୍ଷା କରି ଦେଖିବା ଉଚିତ ହେବ। ସ୍ଥାନୀୟ ବ୍ୟବସାୟୀଙ୍କ ସହ ଏହା ଏକ ଗୌଣ ସମ୍ପର୍କ ହୋଇପାରେ କିମ୍ବା ଏହା ବେସରକାରୀ ସଂସ୍ଥାର ସହଭାଗିତା ହୋଇପାରେ, ଯେଉଁଠାରେ ଆପଣ ସମସ୍ତ ସୁବିଧା ସୁଯୋଗ ବିଷୟରେ ଆଲୋଚନା କରୁଛନ୍ତି। ଚିତ୍ର ୪ରେ ଦିଆଯାଇଥିବା ସତ୍ୱର ଏହି ସହଭାଗିତାର ପ୍ରଭାବ ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉପରେ କିପରି ରହୁଛି ତାହା ଉପରେ ଚିନ୍ତା କରନ୍ତୁ, ଏବଂ ଏକତ୍ରିତ ଭାବେ କାର୍ଯ୍ୟ କରିବା ଦ୍ୱାରା ଆପଣ କିଛି ଶୁଖୁଛନ୍ତି କି ତାହା ଉପରେ ମଧ୍ୟ ତର୍ଜମା କରନ୍ତୁ। ଦକ୍ଷତା, ଦୁର୍ବଳତା, ସୁଯୋଗ ଏବଂ ଆଶଙ୍କାକୁ ନେଇ ଏକ ସ୍ୱୋଟ ଚିତ୍ର – ୪ରେ ଦର୍ଶାଯାଇଥିବା ଭଳି ନିଜ ଶିକ୍ଷଣ ପୁସ୍ତିକାରେ ପ୍ରସ୍ତୁତ କରନ୍ତୁ। ଏହି ମୂଲ୍ୟାୟନ ପ୍ରକ୍ରିୟାରେ ଆପଣ ଅଭିଭାବକ, ସହକର୍ମୀ ଏବଂ ସାଥୀମାନଙ୍କୁ ସାମିଲ କରିପାରିବେ।

| ଦକ୍ଷତା | ଦୁର୍ବଳତା |
| --- | --- |
| ଶିକ୍ଷାର୍ଥୀଙ୍କ ଶିକ୍ଷଣ ଉପରେ ରହୁଥିବା ପ୍ରଭାବକୁ ଯତ୍ନ ସହକାରେ ଲକ୍ଷ୍ୟ କରି, ସହଭାଗିତାର ସମସ୍ତଆବଶ୍ୟକୀୟ ଜିନିଷର ତାଲିକା ପ୍ରସ୍ତୁତ କରନ୍ତୁ। | ସହଭାଗିତାର ଖରାପ ଦିଗ ଯାହା ଚଳାଇବାରେ କଷ୍ଟକର ହୋଇଥାଏ ତାର ତାଲିକା ପ୍ରସ୍ତୁତ କରନ୍ତୁ। |
| **ସୁଯୋଗ** | **ଆଶଙ୍କା** |
| ଯାହା ଏବେ ଘଟିବାର ନାହିଁ କିନ୍ତୁ ପରେ ଘଟିବାର ସମ୍ଭାବନା ଅଛି, ତାହାର ତାଲିକା କରନ୍ତୁ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତରକୁ ଉନ୍ନତି କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ ଚିନ୍ତା କରନ୍ତୁ। | ସଠିକ୍ ଭାବେ ସହଭାଗିତାର ରାସ୍ତାରେ ଯାହା ଆବଶ୍ୟକ ତାହାର ତାଲିକା ପ୍ରସ୍ତୁତ କରନ୍ତୁ। |

**ଚିତ୍ର -୪ :** ଆପଣଙ୍କର ଗୋଷ୍ଠୀ ସହ ଆପଣଙ୍କ ବିଦ୍ୟାଳୟର ଥିବା ସହଭାଗିତାର ମୂଲ୍ୟାୟନ ନିମନ୍ତେ ସ୍ୱୋଟ ଜାଲି କୋଠରୀ (ଗ୍ରୀଡ଼)

### ଆଲୋଚନା

ସହଭାଗିତାରେ କ'ଣ ଘଟୁଛି ଏବଂ କେଉଁଠି ଉନ୍ନତିର ଆବଶ୍ୟକତା ରହିଛି, ସେ ସମ୍ବନ୍ଧରେ ଏହି ସରଳ କୋଠରୀ ଆପଣଙ୍କୁ ବହୁତ ସାହାଯ୍ୟ କରିବ। ଏହି ଅଧ୍ୟାୟର ସମ୍ବଳ ବିଭାଗରେ ଆପଣ ଏହି ସ୍ୱୋଟରୁ ବହୁତ କିଛି ତଥ୍ୟ ଜାଣିପାରିବେ।

- ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତରକୁ ଉନ୍ନତି କରିବାରେ ସହଭାଗିତା କାର୍ଯ୍ୟର ପ୍ରଭାବକୁ ଜାଣିବାରେ ଏହି କୋଠରୀ ସାହାଯ୍ୟ କରିବ କି? ତେବେ ଏହା ଆପଣଙ୍କ ବିଦ୍ୟାଳୟ ପରିଚାଳନା କମିଟିକୁ କେତେକ ସୁପାରିଶ କରିବାର ରାସ୍ତା ଉନ୍ମୁକ୍ତ କରିଥାଏ କିମ୍ବା ଅଗ୍ରାଧିକାର ସମ୍ପର୍କରେ ନିଷ୍ପତ୍ତି ନେବା ପାଇଁ ଆପଣଙ୍କୁ ସାହାଯ୍ୟ କରିବ।
- ଆପଣ କେବେ ଚିନ୍ତା କରିଛନ୍ତି କି ବିଦ୍ୟାଳୟ ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତି ସମୟରେ ସ୍ୱୋଟର କୋଠରୀ ବିଦ୍ୟାଳୟ ପରିଚାଳନା କମିଟିକୁ ସାହାଯ୍ୟ କରିବ କି? ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଆଗକୁ ନେବା ପାଇଁ କୋଠରୀ ସାହାଯ୍ୟ କରିପାରେ ଏବଂ ବିଦ୍ୟାଳୟ ପରିଚାଳନା କମିଟିକୁ ବିଦ୍ୟାଳୟର ଆବଶ୍ୟକତା ଏବଂ ସୁଯୋଗ ସମ୍ବନ୍ଧରେ ବୁଝାଇବାରେ ସମର୍ଥ ହୋଇପାରିବେ।

## ୪ ଶିକ୍ଷାର୍ଥୀଙ୍କ ପିତାମାତା ଏବଂ ଅଭିଭାବକଙ୍କ ସହ ନିମଗ୍ନ ରହିବା

ବିଦ୍ୟାଳୟର ମୁଖ୍ୟ ସଂସ୍କାରକ ହେଉଛନ୍ତି ଶିକ୍ଷାର୍ଥୀଙ୍କ ଅଭିଭାବକ ଏବଂ ପିତାମାତା, ଯାହା ଶିକ୍ଷା ପ୍ରଦାନ କରାଯାଉଛି ତାହା ସିଧାସଳଖ ଶିକ୍ଷାର୍ଥୀଙ୍କ ଜୀବନଶୈଳୀ ଉପରେ ପ୍ରଭାବ ପକାଇପାରେ। ଯେତେବେଳେ ବିଦ୍ୟାଳୟ ଏବଂ ଅଭିଭାବକ ମିଳିତ ଭାବେ କାର୍ଯ୍ୟ କରନ୍ତି, ଶିକ୍ଷାର୍ଥୀଙ୍କୁ ଲାଭ ଏବଂ ଅଧିକରୁ ଅଧିକ ସଫଳତା ମିଳିପାରେ। ଏଠାରେ ଆଦୌ ସନ୍ଦେହ ନାହିଁ ଯେ ଅଭିଭାବକ ଏବଂ ପିତାମାତାଙ୍କର ଦାବି ଅଧିକରୁ ଅଧିକ ରହିପାରେ ମାତ୍ର ଯଦି ଆପଣ ସମସ୍ତ ବନ୍ଧନକୁ ଦୃଢ଼ତାର ସହ ପାଳନ କରନ୍ତି, ତାହେଲେ ସେମାନେ ମଧ୍ୟ ବହୁତ

ସାହାଯ୍ୟକାରୀ ହୋଇପାରିବେ। ବିଦ୍ୟାଳୟ ମୁଖ୍ୟଙ୍କର ପ୍ରଧାନ କାର୍ଯ୍ୟ ହେଉଛି ଅଭିଭାବକଙ୍କ ପାଇଁ ଉପଯୁକ୍ତ ମାର୍ଗ ନିର୍ଦ୍ଦିଷ୍ଟ କରିବା ଯାହାଦ୍ୱାରା ସେମାନେ ତାଙ୍କ ଶିକ୍ଷାର୍ଥୀଙ୍କୁ ଯେକୌଣସି ଉପାୟରେ ସହାୟତା ପ୍ରଦାନ କରିପାରିବେ ଏବଂ ଯେଉଁ କାର୍ଯ୍ୟ ବିଦ୍ୟାଳୟରେ ଚାଲୁଛି ସେଥିରେ ଅଧିକ ଦୃଢ଼ୀକରଣ ଆବଶ୍ୟକ।

ଯଦି ଆପଣ ଅଭିଭାବକମାନଙ୍କୁ ଆପଣଙ୍କ ବିଦ୍ୟାଳୟ କାର୍ଯ୍ୟରେ ସାମିଲ କରିବାକୁ ଇଚ୍ଛୁକ ଏବଂ ସେମାନଙ୍କୁ ସେମାନଙ୍କର ଶିକ୍ଷାର୍ଥୀଙ୍କ ଶିକ୍ଷଣ ଏବଂ ବିଦ୍ୟାଳୟର ସଫଳତା ପାଇଁ ବ୍ୟସ୍ତ ରଖିବାକୁ ହେବ, ତେବେ ସେମାନେ ଅନୁଭବ କରିବା ଉଚିତ ଯେ ବିଦ୍ୟାଳୟ ଏକ ସ୍ୱାଗତଯୋଗ୍ୟ ସ୍ଥାନ ଏବଂ ସେଠାରେ ସେମାନଙ୍କୁ ଗୁରୁତ୍ୱ ଦିଆଯାଏ ଏବଂ ସମ୍ମାନ ମିଳିଥାଏ।

ଭିଡ଼ିଓ : ବିଦ୍ୟାଳୟ ନେତୃତ୍ୱ – ମାତାପିତାଙ୍କୁ ସାମିଲ କରିବା

ଭିଡ଼ିଓ : ବିଦ୍ୟାଳୟ ନେତୃତ୍ୱ – ଶିକ୍ଷାର୍ଥୀଙ୍କ ପୃଷ୍ଠଭୂମିକୁ ବୁଝିବା

## ଶିକ୍ଷଣକାର୍ଯ୍ୟ ୬ : ଅଭିଭାବକଙ୍କୁ ମୂଲ୍ୟ ଏବଂ ସ୍ୱାଗତର ବାସ୍ନା ଅନୁଭବ କରାଇବା

ଧୀର ସ୍ଥିର ରହୁଥିବା ଜଣେ ଅଭିଭାବକଙ୍କ କଥା ଚିନ୍ତା କରନ୍ତୁ, ଯାହାଙ୍କର ଶିକ୍ଷା ବହୁତ କମ୍ ଅଟେ ମାତ୍ର ନିଜଠାରୁ ତାଙ୍କ ପାଞ୍ଚୋଟି ପିଲା ଅଧିକ ପଢ଼ି ଲେଖି ଓ ହିସାବ କରିଜାଣନ୍ତୁ ବୋଲି ସେ ବହୁତ ଆଗ୍ରହୀ। ତାଙ୍କର ସ୍ତ୍ରୀ ଜଣେ ଭୟାଳୁ ଏବଂ ତାଙ୍କର ଶ୍ରବଣଜନିତ ସମସ୍ୟା ରହିଛି। ସେମାନଙ୍କର ଏକ ସ୍ୱତନ୍ତ୍ର ଧରଣର ପରିବାର ଏବଂ ସେମାନଙ୍କର ଶିକ୍ଷାର୍ଥୀମାନେ ନିୟମିତ ଭାବେ ବିଦ୍ୟାଳୟରେ ଉପସ୍ଥିତ ରୁହନ୍ତି। କେବଳ ସାନ ପିଲା (ଯିଏ କି ଶ୍ରେଣୀରେ ଶୁଣିବାକୁ ଆଗ୍ରହ ପ୍ରକାଶ କରେ ନାହିଁ)କୁ ଛାଡ଼ି, ପରିବାରର ଅନ୍ୟ ସମସ୍ତଙ୍କଠାରେ ଶିକ୍ଷା ପ୍ରତି ସକ୍ରିୟାତ୍ମକ ଚିନ୍ତାଧାରା ରହିଛି।

- ଆପଣ ବ୍ୟକ୍ତିଗତ ଭାବେ ବା ବିଦ୍ୟାଳୟର ଜଣେ ମୁଖ୍ୟ ଭାବେ ଏହିଭଳି ଅଭିଭାବକମାନଙ୍କୁ କିଭଳି କାର୍ଯ୍ୟରେ ସମ୍ପୃକ୍ତ କରିପାରିବେ ଯାହାଦ୍ୱାରା ସେମାନେ ନିଜକୁ ବିଦ୍ୟାଳୟ ଗୋଷ୍ଠୀର ଏକ ଅଂଶ ବୋଲି ବିବେଚନା କରିବେ ?
- କେଉଁ କେଉଁ ସମସ୍ୟାକୁ ପରିଚିତ କରିବାର ଆବଶ୍ୟକତା ରହିଛି ଏବଂ ଆପଣ କିଭଳି ଜାଣିବେ ଯେ ଏହି ଅଭିଭାବକମାନଙ୍କୁ ବିଦ୍ୟାଳୟରେ ସ୍ୱାଗତ କରାଯିବ ବୋଲି ସେମାନେ ମନରେ କ'ଣ ଅନୁଭବ କରୁଥିବେ ?

ଆପଣଙ୍କର ଚିନ୍ତାଧାରାକୁ ଆପଣଙ୍କ ଶିକ୍ଷଣ ପୁସ୍ତିକାରେ ଲିପିବଦ୍ଧ କରି ରଖନ୍ତୁ।

### ଆଲୋଚନା

ଏହା ସତ ଯେ ପିତାମାତା ସେମାନଙ୍କର ଯୁବାବସ୍ଥାରେ ଥିବା ବିଦ୍ୟାଳୟସ୍ତରୀୟ ଅଭିଜ୍ଞତାକୁ ନିଜ ଜୀବନରେ ପ୍ରୟୋଗ କରିଥାନ୍ତି; ଏହାର ପ୍ରଭାବ ଶିକ୍ଷାର୍ଥୀଙ୍କ ଶିକ୍ଷା ଏବଂ ବିଦ୍ୟାଳୟ ସହ ରହୁଥିବା ସମ୍ପର୍କ ଉପରେ କିଭଳି ପଡୁଛି, ତାହା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ଶିକ୍ଷକଙ୍କ ବିସ୍ମୟକୁ ଅନୁଭବ କରିବା ପିତାମାତାଙ୍କ ପାଇଁ ଆଦୌ ଅସାଧାରଣ ନୁହେଁ। ସେମାନେ ପ୍ରଶ୍ନ ପଚାରିବାକୁ ଓ ଆହ୍ୱାନକୁ ଖୋଜିବା କଷ୍ଟକର ହୋଇପାରେ।

ମୁଖ୍ୟ କଥା ହେଉଛି ସବୁ ପିତାମାତାମାନେ ସେମାନଙ୍କର ଶିକ୍ଷାର୍ଥୀମାନଙ୍କର ଶିକ୍ଷା ପାଇଁ ବହୁତ ଆଗ୍ରହୀ ଯାହା ଆପଣଙ୍କୁ ବଡ଼ ସଫଳତା ପ୍ରଦାନ କରିବ। ଯଦି ସେମାନେ ବିଦ୍ୟାଳୟକୁ ଆସନ୍ତି ଆପଣ ସେମାନଙ୍କ ସହ କଥା ହେବାକୁ ନିଶ୍ଚିତ କରିପାରିବେ। ସେମାନଙ୍କ ସହିତ ସାକ୍ଷାତ କରିବା ପାଇଁ ସେମାନଙ୍କ ଘରକୁ ବୁଲିଯିବାରେ ଅନେକ ସୁବିଧା ସୁଯୋଗ ରହିଛି। ସମ୍ଭବତଃ ଆପଣ ସେମାନଙ୍କ ସହ

ସେମାନଙ୍କର ସାନ ପିଲା ବିଷୟରେ କଥା ହେବା ପାଇଁ ଚାହୁଁଛନ୍ତି ଓ ସେମାନଙ୍କର ବାଧାଜନକ ବ୍ୟବହାର ସମ୍ପର୍କରେ ଜଣାଇବାକୁ ଚାହୁଁଛନ୍ତି ଓ ଏହାର ମୂଳ କାରଣକୁ ଖୋଜୁଛନ୍ତି। ଯେହେତୁ ଏହି ପିତାମାତାଙ୍କର ସ୍କୁଲଜନିତ ଶିକ୍ଷା ସୀମିତ ହୋଇଥିବାରୁ, ଆପଣଙ୍କର ବାର୍ତ୍ତାଳାପ ଲିଖିତ ଅପେକ୍ଷା ମୌଖିକ ଭାବେ କାର୍ଯ୍ୟ କରିବ ମାତ୍ର ତା'ର ମା'ଙ୍କ ସହ କଥା ହେବା ପାଇଁ ଆପଣ ଆପଣଙ୍କର ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବେ, ଯଦି ସେ ପାଠର ଧାରେ ଧାରେ ଥିବେ ତେବେ ଆପଣଙ୍କୁ ନିଶ୍ଚିତ କରିବାକୁ ହେବ ଯେ ଯେତେବେଳେ ଆପଣ ତାଙ୍କ ସହ କଥା ହେବେ, ସେତେବେଳେ ଯେମିତି ଆପଣ ତାଙ୍କ ମୁହଁକୁ ଚାହିଁ କଥା ହେବେ।

ସାଧାରଣ ଭାବେ କହିବାକୁ ଗଲେ ଆପଣ ଏହିଭଳି ପିତାମାତାଙ୍କୁ ସେମାନଙ୍କର ଶିକ୍ଷାର୍ଥୀମାନଙ୍କ ମାଧ୍ୟମରେ ସ୍କୁଲ ଖୋଲିବାର ଦିନ, ସ୍କୁଲର ପରିଭ୍ରମଣ, ପ୍ରଦର୍ଶନ ଇତ୍ୟାଦି ପାଇଁ ଆମନ୍ତ୍ରଣ କରିପାରିବେ, ଯେତେବେଳେ ଅତିଥି ଭାବେ ପହଞ୍ଚିବେ ସେତେବେଳେ ସେମାନଙ୍କୁ ସମ୍ବର୍ଦ୍ଧନା କରିବା ପାଇଁ ନିଶ୍ଚିତ ରହିବେ – ଯେତେବେଳେ ସେମାନେ ଆପଣଙ୍କର ବ୍ୟକ୍ତିଗତ ଆଗ୍ରହ ଏବଂ ଇଚ୍ଛାକୁ ଅନୁଭବ କରିବେ, ତେବେ ସେତେ ନିଜକୁ ମୂଲ୍ୟବାନ୍ ମନେ କରିବେ ଏବଂ ସ୍ୱାଗତର ବାସ୍ନା ଅନୁଭବ କରିପାରିବେ।

ଯେଉଁ ପିତାମାତାଙ୍କର ଶିକ୍ଷାର୍ଥୀମାନେ ଆପଣଙ୍କ ବିଦ୍ୟାଳୟରେ ଭର୍ତ୍ତି ହୋଇଥିବେ, ସେମାନଙ୍କୁ କିଛିକ୍ଷଣ ପାଇଁ ଆପଣ କୌଣସି କ୍ଷେତ୍ରରେ ନିୟୋଜିତ କରିପାରିବେ। ଏହି ଧରଣର କେତେକ ସମ୍ପର୍କ ବହୁତ ଭଲ ଅଟେ। ପରନ୍ତୁ, ଆପଣଙ୍କ ବିଦ୍ୟାଳୟରେ ଚାଲୁଥିବା କେତେକ କାର୍ଯ୍ୟର ତଦାରଖ କରିବା ବହୁତ ଜରୁରୀ ଅଟେ, କାରଣ ଜାଣିବାକୁ ହେବ ଯେ, ସମସ୍ତ ପିତାମାତା କାର୍ଯ୍ୟରେ ସମ୍ପୂର୍ଣ୍ଣ ଭାବେ ନିୟୋଜିତ ଅଛନ୍ତି କି ନାହିଁ ଏବଂ ଲକ୍ଷ୍ୟ କରିବାକୁ ହେବ ଯେ ସମସ୍ତ ପିତାମାତାଙ୍କୁ ସମାନ ପ୍ରକାର ଆନୁଗତ୍ୟ ପ୍ରଦର୍ଶନ କରାଯାଉଛି କି ନାହିଁ।

## ଶିକ୍ଷଣକାର୍ଯ୍ୟ – ୭ : ପିତାମାତାଙ୍କ ସହ ବିଦ୍ୟାଳୟର ନିବିଡ଼ ସମ୍ପର୍କର ତଦାରଖ କରିବା

କିଛି ସମୟ ପାଇଁ ଆପଣଙ୍କ ବିଦ୍ୟାଳୟ ସମ୍ପର୍କରେ ଚିନ୍ତା କରନ୍ତୁ ଏବଂ ସାରଣୀ ୨ରେ ଥିବା ଉକ୍ତିଗୁଡ଼ିକୁ ସ୍ଥିର କରନ୍ତୁ। ଆପଣଙ୍କ ବିଦ୍ୟାଳୟ ପାଇଁ ପ୍ରଯୁଜ୍ୟ ହେଉଥିବା ପ୍ରତ୍ୟେକ ଉକ୍ତି ଏକ ଏକ ନମ୍ବର ଦିଅନ୍ତୁ (୧୦ ଯେଉଁଠାରେ ପୂର୍ଣ୍ଣସଂଖ୍ୟା ଅଟେ)

ସାରଣୀ ୨ ପିତାମାତାଙ୍କ ସହ ବିଦ୍ୟାଳୟର ନିବିଡ଼ ସମ୍ପର୍କର ତଦାରଖ

| ଉକ୍ତି | ୧୦ରୁ ମୋଟ ନମ୍ବର |
|---|---|
| ମୋ ବିଦ୍ୟାଳୟ ପିତାମାତାଙ୍କ ସହ ଅତିକମ୍‌ରେ ଥରଟେ ସେମାନଙ୍କର ଶିକ୍ଷାର୍ଥୀମାନଙ୍କର ଅଗ୍ରଗତି ସମ୍ବନ୍ଧରେ ବୈଠକ ଡାକୁଛି। | |
| ସେଠାରେ ପିତାମାତା-ଶିକ୍ଷକଙ୍କର ଏକ ସକ୍ରିୟ ସଙ୍ଗଠନ ରହିଛି କିମ୍ବା କେତେକ ଫୋରମ ଅଛି ଯେଉଁଠି ଏକ ସୀମା ମଧ୍ୟରେ କାର୍ଯ୍ୟଗୁଡ଼ିକ ହୋଇ ନ ଥାଏ। | |
| ପିତାମାତାଙ୍କୁ ବିଦ୍ୟାଳୟରେ ସର୍ବଦା ସ୍ୱାଗତ କରାଯାଇଥାଏ ଏବଂ ସେମାନଙ୍କର ଶିକ୍ଷାର୍ଥୀଙ୍କର ଅଗ୍ରଗତି ସମ୍ବନ୍ଧରେ ଜାଣିବା ପାଇଁ ବିଷୟଭିତ୍ତିକ ଶିକ୍ଷକଙ୍କୁ ଜାଣିବା ସହଜ ହୋଇଥାଏ କିମ୍ବା ଏକ ଉପଯୁକ୍ତ ସ୍ଥାନରେ କଥାବାର୍ତ୍ତା ପାଇଁ ସହମତି ପ୍ରକାଶ କରିଥାନ୍ତି। | |
| ବିଦ୍ୟାଳୟରେ କୌଣସି ଅଭିଯୋଗ ପହଞ୍ଚିଲେ ତାହାର ଜବାବ ତିନିଦିନ ମଧ୍ୟରେ ପିତାମାତାଙ୍କୁ ଜଣାଇ ଦିଆଯାଏ। | |
| ବର୍ତ୍ତମାନ କେତେକ ପିତାମାତା ଅଛନ୍ତି ଯେଉଁମାନେ କି ମୋ | |

| | |
|---|---|
| ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅଟନ୍ତି । | |
| ସମୟ ସମୟରେ ପିତାମାତାମାନେ ସେମାନଙ୍କର ଜ୍ଞାନ ଏବଂ ଦକ୍ଷତାକୁ ଶିକ୍ଷଣ କ୍ଷେତ୍ରରେ ବ୍ୟବହାର କରିବା ପାଇଁ ଶ୍ରେଣୀଗୃହ ପରିଦର୍ଶନରେ ଆସନ୍ତି । | |
| ବିଦ୍ୟାଳୟ ପାଠ୍ୟକ୍ରମ, ସାମାଜିକ ଏବଂ ଖେଳ ସମ୍ପର୍କିତ ବିଭିନ୍ନ ବିଭାଗ ସମ୍ବନ୍ଧିତ ଗୁରୁତ୍ୱପୂର୍ଣ୍ଣ ତାରିଖ ଜନିତ କ୍ୟାଲେଣ୍ଡରକୁ ପିତାମାତା ନିଜ ପାଖରେ ରଖିଥାନ୍ତି । | |
| କେତେକ ନିର୍ଦ୍ଦିଷ୍ଟ ଧରଣର ପିତାମାତା ସ୍ୱତନ୍ତ୍ର ଧରଣର ବ୍ୟକ୍ତିମାନଙ୍କ ସମାବେଶରେ ଯୋଗଦାନ କରନ୍ତି । | |
| ବିଦ୍ୟାଳୟ ପିତାମାତାଙ୍କ ମଧ୍ୟରେ ଥିବା ଦୂରତ୍ୱକୁ ବୁଝିଥାଏ (ସାକ୍ଷରତା, ଭାଷା, ମୁଖ୍ୟ ଶିକ୍ଷା, ଇତ୍ୟାଦି) ଏବଂ ତୃତୀୟ ବ୍ୟକ୍ତି ଭାବେ ସେମାନଙ୍କ ନିକଟରେ ପ୍ରତିଶ୍ରୁତିବଦ୍ଧ । | |
| **ସର୍ବମୋଟ** | |

ଆପଣ ପ୍ରସ୍ତୁତ କରିଥିବା ତାଲିକାକୁ ଠିକ୍ ଭାବେ ଲକ୍ଷ୍ୟ କରନ୍ତୁ ।

- ସେଠାରେ ଅନ୍ୟ କୌଣସି କାର୍ଯ୍ୟ ଅଛି କି ଯାହାକୁ ଆପଣ ସହଜରେ ଗ୍ରହଣ କରିପାରିବେ ?
- କେଉଁ କାର୍ଯ୍ୟର ସଂପୃକ୍ତି ଆପଣଙ୍କ ପାଇଁ ଅଧିକ ପରିବର୍ତ୍ତନ ଆଣିବ ?
- କେଉଁ କାର୍ଯ୍ୟରେ ପିତାମାତାମାନଙ୍କର ସଂପୃକ୍ତି ଅଧିକ ହୋଇଥାଏ ?
- କେଉଁ କାର୍ଯ୍ୟ ଆପଣଙ୍କ ବିଦ୍ୟାଳୟର ଲକ୍ଷ୍ୟ ଏବଂ ଉନ୍ନତିମୂଳକ ଯୋଜନା ପାଇଁ ଅଧିକ ସହାୟତା ପ୍ରଦାନ କରିଥାଏ ?

ନିଜର ଚିନ୍ତାଧାରା ସମ୍ବନ୍ଧରେ ନିଜର ଶିକ୍ଷଣ ପୁସ୍ତିକାରେ ଲିପିବଦ୍ଧ କରି ରଖନ୍ତୁ । ଏହି ଅଧ୍ୟାୟ ଶେଷରେ ପୁଣିଥରେ ତଦାରଖ ଏବଂ ପୁନଃ ଯୋଜନା ପାଇଁ ଆପଣଙ୍କୁ ସୁଯୋଗ ମିଳିବ ।



ଚିତ୍ର ୫ : ଆପଣଙ୍କ ଶିକ୍ଷାର୍ଥୀଙ୍କର ପିତାମାତାଙ୍କୁ ବ୍ୟସ୍ତ ରଖିବା ପାଇଁ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ

ଯେତେବେଳେ ପିତାମାତାଙ୍କୁ ଏହିସବୁ ଉପାୟରେ ପିଲାଙ୍କର ବିଦ୍ୟାଳୟର ସମସ୍ତ କାର୍ଯ୍ୟରେ ବ୍ୟସ୍ତ ରଖିପାରିବା ନାହିଁ, ତେବେ ଏହି

ତଦାରଖ ଆପଣଙ୍କୁ ନିଶ୍ଚିତ ଭାବେ କିଛି ଉନ୍ନତ ରାସ୍ତା ଦେଖାଇବ। ଯଦି ଆପଣ ଆପଣଙ୍କୁ ମିଳିଥିବା ନମ୍ବରକୁ ମିଶାଇବେ ତେବେ ବିଦ୍ୟାଳୟରେ ପିତାମାତା କେତେ ସମୟ ବ୍ୟସ୍ତ ରହୁଛନ୍ତି ତାହା ଉପରେ ଆପଣ ଏକ ପ୍ରତିଶତ ନମ୍ବର ପାଇପାରିବେ।

ଏହି ତଦାରଖ ଆପଣଙ୍କୁ ଅନ୍ୟ ଦିଗ ସମ୍ବନ୍ଧରେ ଚିନ୍ତା କରିବା ପାଇଁ ଖୋରାକ ଯୋଗାଇବ ଯେ କିଭଳି ଆପଣ ପିତାମାତାଙ୍କ ସହ ବ୍ୟସ୍ତ ରହିପାରିବେ ଏବଂ ସେମାନଙ୍କୁ କିଭଳି ବିଦ୍ୟାଳୟ ଜୀବନ ସହ ଜଡ଼ିତ କରିହେବ। ଅଭିଭାବକଙ୍କୁ କାର୍ଯ୍ୟରେ ବ୍ୟସ୍ତ ରଖିବା ପାଇଁ ଆପଣଙ୍କ ନିକଟରେ ଯାହା କିଛି ଉପାୟ ଅଛି ତାହା ଆପଣ ଆପଣଙ୍କ ଶିକ୍ଷଣ ପୁସ୍ତିକାରେ ଲିପିବଦ୍ଧ କରି ରଖନ୍ତୁ। ଶିକ୍ଷଣକାର୍ଯ୍ୟ ୯ରେ ଏହି ତଦାରଖକୁ ପୁନର୍ବାର ଦେଖିବା ପାଇଁ ଆପଣଙ୍କୁ ପୁଣି ଏକ ସୁଯୋଗ ମିଳିବ ଏବଂ ଆସନ୍ତା କାର୍ଯ୍ୟକାଳ ପାଇଁ ଏକ ଯୋଜନା ପ୍ରସ୍ତୁତ କରିବେ।

ଯେତେବେଳେ ପିତାମାତାମାନେ ବିଦ୍ୟାଳୟ ସହ ଜଣେ ଜଣେ ତୃତୀୟ ବ୍ୟକ୍ତି ଭାବେ କାର୍ଯ୍ୟରତ ହେବେ, ସେମାନେ ସମସ୍ୟା ସମାଧାନ କରିବା ପାଇଁ ସାହାଯ୍ୟ କରିବେ ଏବଂ ସମସ୍ୟାକୁ ଚିହ୍ନଟ ମଧ୍ୟ କରିବେ। ସେମାନଙ୍କ ସହ କଥାବାର୍ତ୍ତା ହେବା ଦ୍ୱାରା ସେମାନଙ୍କ ଦୃଷ୍ଟିକୋଣରୁ ଆପଣ ସମସ୍ତ ଘଟଣା ଜାଣିପାରିବେ ଏବଂ ତାହାକୁ ପରିଚାଳିତ କରିବା ପାଇଁ ଉପଯୁକ୍ତ ଉପାୟ ମିଳିପାରିବ, ଯାହା କି ଶିକ୍ଷାର୍ଥୀଙ୍କ ପ୍ରଗତି, ଶିକ୍ଷଣ ଏବଂ ପ୍ରଦର୍ଶନ ଉପରେ ଏକ ସୁନ୍ଦର ପ୍ରଭାବ ରହିବ।

## ପରିସ୍ଥିତି ଅଧ୍ୟୟନ ୩ : ଅଷ୍ଟମ ଶ୍ରେଣୀ ପରେ ଅଧାରୁ ପାଠ ଛାଡୁଥିବା ଶିକ୍ଷାର୍ଥୀଙ୍କ ଉପରେ ଶ୍ରୀମାନ୍ ଦାସ ଅନୁସନ୍ଧାନ କଲେ।

ଶ୍ରୀମାନ୍ ଦାସ୍ ଏକ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ ଭାବେ ଦୀର୍ଘ ପାଞ୍ଚ ବର୍ଷ ଧରି କାର୍ଯ୍ୟରତ ଅଛନ୍ତି। ସେ ଚାରି ଜଣ ବାଳିକାଙ୍କ ପାଇଁ ଜଣେ ଗର୍ବିତ ବାପା ଅଟନ୍ତି ମାତ୍ର ନିଜ ବିଦ୍ୟାଳୟରୁ ଅଧାରୁ ପାଠ ଛାଡୁଥିବା ବାଳିକାମାନଙ୍କର ସଂଖ୍ୟାକୁ ନେଇ ସେ ବହୁତ ଚିନ୍ତିତ ଅଛନ୍ତି, ତଥା ସେ ଦେଖିପାରୁଛନ୍ତି ଯେ ପ୍ରାୟତଃ ତାଙ୍କର ଶିକ୍ଷା ସେପରି ପ୍ରଭାବିତ ହୋଇପାରୁନାହିଁ। ବର୍ଷ ବର୍ଷ ଧରି ସେ ଲକ୍ଷ୍ୟ କରିଛନ୍ତି ଯେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବାଳିକାମାନେ ବାଳକଙ୍କଠାରୁ ବହୁତ ଭଲ ପ୍ରଦର୍ଶନ କରିଆସିଛନ୍ତି, ସେମାନେ ମାତ୍ର ୨୦ ପ୍ରତିଶତ ନମ୍ବର ରଖିଛନ୍ତି।

ଶ୍ରୀମାନ୍ ଦାସ ଜଣେ ଇଂରାଜୀ ଶିକ୍ଷକ ଅଟନ୍ତି ଏବଂ ଗଣିତରେ ସେଭଳି ଦୃଢ଼ ନୁହନ୍ତି, ତେଣୁ ସେ ଗଣିତର ମୁଖ୍ୟଙ୍କୁ ତାଙ୍କୁ ସଠିକ୍ କ୍ରମରେ ସାହାଯ୍ୟ କରିବା ପାଇଁ କହିଲେ। ଦୁଇବର୍ଷ ଆଗରୁ ଅଷ୍ଟମ ଶ୍ରେଣୀରୁ ଅଧାରୁ ପାଠ ଛାଡ଼ିଥିବା ସମସ୍ତ ବାଳିକାଙ୍କର ତାଲିକାକୁ ଲକ୍ଷ୍ୟ କରିବା ପାଇଁ ତାଙ୍କୁ କହିଲେ ଏବଂ ସେ ସମୟରେ ଗଣିତରେ ସେମାନଙ୍କର ପ୍ରଦର୍ଶନକୁ ଲକ୍ଷ୍ୟ କରି ଏକ ସୁନ୍ଦର ଉପାୟ ସ୍ଥିର କରିବା ପାଇଁ, ଯଦି ସେମାନଙ୍କୁ ପୁଣି ଥରେ ପଢ଼ିବା ପାଇଁ ରଖାଯାଏ। ଯେତେବେଳେ ସେ ସମସ୍ତ ନାମକୁ ତଦାରଖ କଲେ ଏବଂ ସେମାନଙ୍କର ଶିକ୍ଷକଙ୍କ ସହ କଥା ହେଲେ, ଜାଣିବାକୁ ପାଇଲେ ଯେ ଅଧାରୁ ପାଠତ୍ୟାଗୀ ୧୦ ଜଣ ବାଳିକାଙ୍କ ମଧ୍ୟରୁ ଚାରିଜଣ ଗଣିତର ବାର୍ଷିକ ପରୀକ୍ଷାରେ ଶ୍ରେଷ୍ଠ ଦଶଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଏବଂ ଦୁଇଜଣ ହାରାହାରି ନମ୍ବର ରଖିଛନ୍ତି।

ସେ ସମୟରେ, ମିଷ୍ଟର ଦାସ ନିଜେ ରଖିଥିବା ସାରଣୀଟିକୁ ଲକ୍ଷ୍ୟ କଲେ ଏବଂ ଜାଣିବାକୁ ପାଇଲେ ଯେ ପାଠତ୍ୟାଗୀ ହୋଇଥିବା ଦଶଜଣଙ୍କ ମଧ୍ୟରୁ ଆଠଜଣ ଗୋଟିଏ ଗ୍ରାମର ଅଟନ୍ତି। ସେ ସ୍ଥିର କଲେ ଯେ ସେମାନଙ୍କ ପିତାମାତାଙ୍କ ବିନା ଏହି କାର୍ଯ୍ୟର ସମାଧାନ ସମ୍ଭବ ନୁହେଁ। ତେଣୁ ସେ ଖୋଜିବାକୁ ଲାଗିଲେ ଯେ କାହିଁକି ଏଭଳି ଘଟିଲା ଏବଂ ସମାନତା ରଖିବା ପାଇଁ କଣ କରିବାକୁ ହେବ, ତାହା ମଧ୍ୟ ଜାଣିବାକୁ ଚେଷ୍ଟା କଲେ। ତାଙ୍କ ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ଶିକ୍ଷା ଉପରେ ପ୍ରଭାବ ପକାଉଥିବା କେତେକ ତଥ୍ୟକୁ ଶ୍ରୀମାନ୍ ଦାସ ସଂଗ୍ରହ କରିବାକୁ ଲାଗିଲେ। ଏହି ସବୁ ଶିକ୍ଷାର୍ଥୀମାନଙ୍କର ଅଭିଭାବକଙ୍କଠାରୁ ସେ ଅଧିକ ଜାଣିବାକୁ ପାଇଲେ ।

## ଶିକ୍ଷଣକାର୍ଯ୍ୟ ୮ : ଶିକ୍ଷାର୍ଥୀଙ୍କ ପାଠତ୍ୟାଗୀଙ୍କ ହାର ଜାଣିବା ପାଇଁ ଅନୁସନ୍ଧାନ

ଶ୍ରୀମାନ୍ ଜେନା ଲକ୍ଷ୍ୟ କରିଥିବା କେତେକ ସମସ୍ୟା ଏବଂ ବାଳିକା ଶିକ୍ଷା ପ୍ରତି ସେ କିଭଳି ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଥିଲେ ଯାହା ଦ୍ୱାରା ପ୍ରଭାବିତ ହୋଇଥିବା ବାଳିକାମାନଙ୍କ କ୍ଷେତ୍ରରେ ଭଲ ଫଳ ମିଳିଲା ତାହାକୁ ଆପଣ ନିଜ ଶିକ୍ଷଣ ପୁସ୍ତିକାରେ ଲିପିବଦ୍ଧ କରି ରଖନ୍ତୁ।

**ଆଲୋଚନା**

ବିଦ୍ୟାଳୟ ମୁଖ୍ୟ ଭାବେ, ଆପଣ ସହଜରେ ଭୁଲିଯାଇପାରନ୍ତି ଯେ ଆପଣଙ୍କର କାର୍ଯ୍ୟ କେବଳ ଭଲ ପାଠ ପଢ଼ାଉଥିବା ଶିକ୍ଷକଙ୍କ ସମସ୍ୟାର ସମାଧାନ ନିର୍ଣ୍ଣୟ କରିବା, ଶିକ୍ଷାର୍ଥୀଙ୍କ ଶିକ୍ଷଣ ଏବଂ ପ୍ରଶାସନିକ କାର୍ଯ୍ୟ ଚଳାଇବା ପାଇଁ ନୁହେଁ। ଶ୍ରୀମାନ୍ ଜେନା ଯେଉଁ କାମ କଲେ ତାହା ଉଲ୍ଲେଖନୀୟ କାରଣ ଅନେକ ବିଦ୍ୟାଳୟ ପାଠତ୍ୟାଗୀ ବାଳିକାଙ୍କ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ସେ ତା'ର ମୂଳ କାରଣକୁ ସମାଧାନ କରିଥିଲେ। ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ପାଇବା ପାଇଁ ସାଧାରଣ ଭାବନାର ପରିସର, "ଯଦି ଦଶମ ଶ୍ରେଣୀରେ ଶିକ୍ଷାର୍ଥୀଙ୍କ ପ୍ରଦର୍ଶନ ଅତ୍ୟନ୍ତ ସନ୍ତୋଷଜନକ ତେବେ ଏହି ପ୍ରଦର୍ଶନକୁ ଉନ୍ନତ କରିବା ପାଇଁ ଅଷ୍ଟମ ଶ୍ରେଣୀ ପରେ ଆମ୍ଭଙ୍କୁ କ'ଣ କରିବାକୁ ହେବ" ? ଏହି ପ୍ରଶ୍ନ ତାଙ୍କର ଛୋଟ ଦଳକୁ, ନାମ ଲେଖା ଏବଂ ପ୍ରଦର୍ଶନକୁ ଉନ୍ନତ କରିବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ପାଇଁ ସାହାଯ୍ୟ କରୁଛି। ସହକର୍ମୀମାନେ ସ୍ଥିର କଲେ ଯେ ସେମାନେ ପିତାମାତାଙ୍କ ନିକଟକୁ ଯିବେ, ସେମାନଙ୍କର ସମସ୍ୟା ସମ୍ବନ୍ଧରେ କଥାବାର୍ତ୍ତା ହେବେ ଏବଂ ସେମାନଙ୍କର ଝିଅଙ୍କୁ ବିଦ୍ୟାଳୟରେ ରଖିବା ପାଇଁ ଉପଯୁକ୍ତ ସମାଧାନ ନିର୍ଣ୍ଣୟ କରିବେ। ସେ ଏବଂ ତାଙ୍କର ଦଳ ସ୍ଥିର କଲେ ଯେ ବିଦ୍ୟାଳୟ ବାହାରେ ସମାଧାନ ବାହାର କରିବେ – ଯେପରି ପିତାମାତାଙ୍କ ସହ ତୃତୀୟ ବ୍ୟକ୍ତି ଭାବେ ସେମାନଙ୍କ ପିଲାଙ୍କର ଶିକ୍ଷାଗତ ସଫଳତା ଚାହାନ୍ତି।

ନିମ୍ନଲିଖିତ କାରଣରୁ ଆଲେଚନାରେ କେତେକ ସମସ୍ୟା ରହିଥାଇପାରେ :

- ଗାଳିଦେବାର ଆଶଙ୍କା ବା ଭୟ ରହିଛି
- ସେମାନଙ୍କର ଚିନ୍ତାଧାରା ଉପରେ ଭୟ ରହିଛି
- ସେମାନଙ୍କର ଚିନ୍ତାଧାରା, ଅର୍ଥନୈତିକ, ସେଠାରେ ଅନ୍ୟ ବିକଳ୍ପ ଆଉ କିଛି ନାହିଁ।

ପରନ୍ତୁ, ଏହା ନିଶ୍ଚିତ ଯେ କେତେକ ବାସ୍ତବ ଘଟଣା ପ୍ରକାଶିତ ହୋଇନାହିଁ, ଯେପରି କି ବିଦ୍ୟାଳୟ ଆଖପାଖର ସମସ୍ୟାର ନିରାପତ୍ତା ପାଇବା। ତଥାପି, ସରଳ ଘଟଣା ହେଉଛି ବିଦ୍ୟାଳୟର ମୁଖ୍ୟ ସେମାନଙ୍କର ଝିଅମାନଙ୍କର ଶିକ୍ଷା ପ୍ରତି ବହୁତ ଆଗ୍ରହୀ, ଯେଉଁମାନଙ୍କର ଘରକୁ ସେ ପରିଦର୍ଶନରେ ଯାଇ ପିତାମାତାଙ୍କୁ ଡ୍ରପ୍ ଆଉଟ ହେଉଥିବା ବାଳିକାମାନଙ୍କୁ ବିଦ୍ୟାଳୟରେ ରଖିବା ପାଇଁ ପ୍ରଭାବିତ କରୁଥିଲେ। ମିଷ୍ଟର ଜେନା ସ୍ଥିର କଲେ ଯେ ଭବିଷ୍ୟତରେ ଅଷ୍ଟମ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀମାନଙ୍କର ଚଳିତ ଉପସ୍ଥାନ ଏବଂ ସ୍ଥିରତାକୁ ବଜାୟ ରଖିବା ତଥା ଉତ୍ସାହିତ କରିବା ପାଇଁ ଅତି କମ୍‌ରେ ଥରଟେ ଘରୋଇ ପରିଦର୍ଶନରେ ଯିବେ।

ଯଦି ଆପଣଙ୍କର ଶିକ୍ଷାର୍ଥୀମାନଙ୍କର ପିତାମାତାମାନେ ବିଦ୍ୟାଳୟର ଉନ୍ନତି ପାଇଁ ଆପଣଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି, ତେବେ ନିୟମିତ ଭାବେ ଆପଣ ସେମାନଙ୍କ ସହ କଥାବାର୍ତ୍ତା କରିବାର ଆବଶ୍ୟକତା ରହିଛି ଏବଂ ଆପଣଙ୍କ ସହ ଖୋଲାଖୋଲି କଥାବାର୍ତ୍ତା ହେବା ପାଇଁ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଆବଶ୍ୟକ। ଏହା ସାକ୍ଷାତକାର ଭାବେ, ଅନୋପଚାରିକ ଭାବେ ବିଦ୍ୟାଳୟ ଫାଟକ ନିକଟରେ କିମ୍ବା ଏକାକୀ ନିର୍ଦ୍ଦିଷ୍ଟ ଶିକ୍ଷାର୍ଥୀ କ୍ଷେତ୍ରରେ ଘଟିପାରେ।

ଥରେ ଆପଣ ଏହି କଥାବାର୍ତ୍ତା ଆରମ୍ଭ କରିଦେଲେ, ଆପଣ ସମସ୍ତ ଘଟଣା ସମ୍ବନ୍ଧରେ ଆଲୋଚନା କରିପାରିବେ ଏବଂ ସମାଧାନର ସାହାଯ୍ୟ କରିପାରିବେ, ଯେପରି କି ଶ୍ରୀମତୀ ପଟ୍ଟନାୟକ ତଳ ଘଟଣା ଅଧ୍ୟୟନରେ କରିଛନ୍ତି।

## ପରିସ୍ଥିତି ଅଧ୍ୟୟନ ୪ : ଶ୍ରୀମତୀ ପଟ୍ଟନାୟକଙ୍କ ନିରାପତ୍ତାଜନିତ ସମାଧାନ

ବହୁ ସମୟ ଧରି ପଟ୍ଟନାୟକଙ୍କ ବିଦ୍ୟାଳୟରେ କୌଣସି ମରାମତି କାର୍ଯ୍ୟ ହୋଇନାହିଁ। ସମ୍ପୂର୍ଣ୍ଣ ବିଦ୍ୟାଳୟର ବିଭିନ୍ନ ଅଂଶକୁ ଛାଡ଼ି ନିକଟରେ ପାଚେରି କାନ୍ଥ ଭାଙ୍ଗିଯାଇଛି ଏବଂ ତଳେ ପଡ଼ିଯାଇଛି। ଯଦିଓ ଏହା ଦୁର୍ବଳ ସ୍ଥାନରେ ହୋଇଛି, ସେ ତାଙ୍କର ଶିକ୍ଷାର୍ଥୀଙ୍କର ପିତାମାତାଙ୍କର ସହଯୋଗକୁ ନେଇ ବହୁତ ଖୁସି ଅଛନ୍ତି ଏବଂ ଶିକ୍ଷାର୍ଥୀମାନେ ବିଦ୍ୟାଳୟକୁ ଆଗ୍ରହ ସହକାରେ ଏବଂ ନିୟମିତ ଭାବେ ଆସୁଛନ୍ତି। ଥରେ ପିତାମାତାଙ୍କର ବୈଠକରେ ସେ ବିଦ୍ୟାଳୟର ପାଚେରିଜନିତ ସମସ୍ୟା ଉପସ୍ଥାନ କଲେ ଏବଂ ବହୁତ ଆନନ୍ଦିତ ହେଲେ ଯେତେବେଳେ ଦୁଇ ଭାଇ ଯାହାଙ୍କର ଶିକ୍ଷାର୍ଥୀ ବିଦ୍ୟାଳୟରେ ନାମ ଲେଖାଇଛନ୍ତି, ପାଚେରି ସଜାଡ଼ିବା ପାଇଁ କାମ ଆରମ୍ଭ କରିବାର ପ୍ରସ୍ତାବ ଦେଲେ। କେତେକ ପୁରୁଣା ଶିକ୍ଷାର୍ଥୀ ସାହାଯ୍ୟ କରିବେ ବୋଲି ସେମାନେ ମତ ଦେଲେ। ଏହା ଯେତେବେଳେ ସଙ୍ଗଠିତ ହେଲା ଏବଂ କଞ୍ଚାମାଲ ପାଇଁ ଅର୍ଥର ଅଭାବ ରହିଲା ସେତେବେଳେ ଦୁଇ ଭାଇ ଅନେକ ପିତାମାତା ଏବଂ ଅନ୍ୟ ପିଲାଙ୍କର ସମ୍ପର୍କୀୟଙ୍କୁ ରାତିରେ ବିଦ୍ୟାଳୟକୁ ଜଗିବା ପାଇଁ ଏକତ୍ରିତ କଲେ।

ଶ୍ରୀମତୀ ପଟ୍ଟନାୟକ ବିଦ୍ୟାଳୟକୁ ଆସିବା ଦିନରୁ ପିତାମାତାଙ୍କ ସହ ବହୁ ସମୟ ବିତାଇଛନ୍ତି, ବିଦ୍ୟାଳୟଟି ସେମାନଙ୍କର ବୋଲି ଜଣେଇବା ପାଇଁ ସେମାନଙ୍କୁ ଉତ୍ସାହିତ କରିଛନ୍ତି ଏବଂ ସେମାନଙ୍କ ପିଲାମାନଙ୍କର ସଫଳତା ସେମାନଙ୍କ ଉପରେ ବହୁମାତ୍ରାରେ ପର୍ଯ୍ୟବେସିତ। ସେ ବିଦ୍ୟାଳୟର ସମସ୍ତ ପିତାମାତାଙ୍କ ମଧ୍ୟରେ ଗର୍ବ ଖେଳାଇବା ପାଇଁ ଉତ୍ସାହିତ କରନ୍ତି। ସେ ଅନୁଭବ କରିଛନ୍ତି ଯେ ଏହିଭଳି ସାହାଯ୍ୟ କାର୍ଯ୍ୟ ସଫଳ ହେବାର ମୁଖ୍ୟ କାରଣ ହେଉଛି ସହମତି ମଧ୍ୟରେ କାର୍ଯ୍ୟ କରିବା ଓ ପରସ୍ପର ପରସ୍ପରକୁ ସମ୍ମାନ ଦେବା ହେଉଛି ତା'ର ପ୍ରତ୍ୟକ୍ଷ ଫଳାଫଳ।

## ଶିକ୍ଷଣକାର୍ଯ୍ୟ ୯ : ପିତାମାତାଙ୍କୁ ନିୟୋଜିତ କରିବା ପାଇଁ ଏକ ଯୋଜନା ପ୍ରସ୍ତୁତି

ଶିକ୍ଷଣକାର୍ଯ୍ୟ ୭ରେ ଆପଣ କରିଥିବା ତଦାରଖକୁ ଫେରିଚାଲନ୍ତୁ ଏବଂ ଦେଖନ୍ତୁ ପିତାମାତାଙ୍କୁ ସାମିଲକୁ ନେଇ ଆପଣ କେଉଁଥିରେ ଉନ୍ନତ କରିବାକୁ ଚାହିଁଛନ୍ତି। ଆପଣଙ୍କ ଶିକ୍ଷଣ ପୁସ୍ତିକାରେ (ଯଦି ଆପଣଙ୍କ ନିକଟରେ ଆପଣଙ୍କର କେହି ସହକର୍ମୀ ଥାଆନ୍ତି), ପରବର୍ତ୍ତୀ ଅବସ୍ଥାରେ କ'ଣ କରିବାକୁ ଯାଉଛନ୍ତି ଏବଂ ଦୀର୍ଘସମୟ ପାଇଁ କ'ଣ କରିବେ ତାହାର ଏକ ଯୋଜନା ପ୍ରସ୍ତୁତ କରନ୍ତୁ।

ଆପଣଙ୍କ ବିଦ୍ୟାଳୟର ପିତାମାତା ଏବଂ ଅଭିଭାବକଙ୍କ ସାମିଲକୁ ବୃଦ୍ଧି କରିବା ପାଇଁ, ନିଜ ତରଫରୁ ଆପଣ କିଛି ସହଜ ଲକ୍ଷ୍ୟ ସ୍ଥିର କରନ୍ତୁ। ପ୍ରତ୍ୟେକ କାର୍ଯ୍ୟ ପାଇଁ କିମ୍ବା ଆପଣ ସ୍ଥିର କରିଥିବା ଲକ୍ଷ୍ୟ ଲାଗି ନିଶ୍ଚିତ ରହନ୍ତୁ ଯେ ଆପଣଙ୍କ ବିଦ୍ୟାଳୟ ଏବଂ ଶିକ୍ଷାର୍ଥୀଙ୍କ ଶିକ୍ଷଣ ପ୍ରତି ଯେପରି ସଫଳତା ମିଳିପାରିବ।

**ଆଲୋଚନା**

ପିତାମାତାଙ୍କୁ ବିଦ୍ୟାଳୟରେ ସାମିଲ କରିବା ପାଇଁ ଆପଣ ହୁଏତ ଅନେକ କିଛି କାର୍ଯ୍ୟ କରିସାରିଥିବେ - ମାତ୍ର ଆପଣଙ୍କ ପାଇଁ ବହୁତ କିଛି ପଦକ୍ଷେପ ନେବାର ସୁଯୋଗ ରହିଛି ଯେପରି କି :

- ଗୃହକାର୍ଯ୍ୟ ଉପରେ ଆଲୋଚନା ପାଇଁ ବ୍ୟବସ୍ଥା ଗ୍ରହଣ କରିବା
- ପିତାମାତାଙ୍କ ଚିନ୍ତାଧାରା ଜାଣିବା ପାଇଁ ଶିକ୍ଷାର୍ଥୀଙ୍କୁ ନେଇ ଏକ ସର୍ଭେ ସ୍ଥିର କରିବା
- ସଫଳତାର ପୋଷ୍ଟକାର୍ଡକୁ ଘରକୁ ପଠାଇବା

ଏକ ଖୋଲା ଗୃହ ଠିକ୍ କରିବା ଯେଉଁଠି ବିଦ୍ୟାଳୟ ସାରିବା ପରେ ପିତାମାତାମାନେ ନିର୍ଦ୍ଦିଷ୍ଟ ଶିକ୍ଷକଙ୍କ ସହ କଥାବାର୍ତ୍ତା କରିପାରିବେ।

ଏକାଥରକେ ଆପଣ ସବୁ କିଛି କରିବାର ଆବଶ୍ୟକତା ନାହିଁ, ମାତ୍ର ଆପଣ ଜାଣିବାକୁ ପାଇବେ ଯେ ଥରେ ଆପଣ ଏହି କଥାବାର୍ତ୍ତା ପିତାମାତାଙ୍କ ସହ ଆରମ୍ଭ କରିଦେଲେ, ଅଧିକ ଅନୁକରଣ କରିବେ ଏବଂ ଏହି ଘଟଣାରୁ ସିଧାସଳଖ ଆପଣଙ୍କର ଶିକ୍ଷାର୍ଥୀ ଲାଭବାନ୍ ହେବେ।

ବିଦ୍ୟାଳୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପିତାମାତାଙ୍କର ସାମର୍ଥ୍ୟର ଅଭିବୃଦ୍ଧି କରିବା ଯାହାଫଳରେ ସେମାନେ ବିଦ୍ୟାଳୟର ପରିକଳ୍ପନା ଓ ଲକ୍ଷ୍ୟ ପ୍ରତି ସଚେତନ ହୋଇ ଅଧିକ କିଛି ଯୋଗଦାନ କରିବେ। ଏହା ପ୍ରାୟତଃ ପିତାମାତାଙ୍କୁ ସାହାଯ୍ୟ କରିବ ଓ ବିଦ୍ୟାଳୟ ପରିଚାଳନା କମିଟି କିମ୍ବା ପିତାମାତା ଶିକ୍ଷକ ସଙ୍ଗଠନ ପାଇଁ ସୁନ୍ଦର ପ୍ରତିନିଧିତ୍ୱ ହୋଇପାରିବେ। ପିତାମାତା ସେମାନଙ୍କର ପିଲା ଉପରେ ଧ୍ୟାନ ରଖିବା ପରିବର୍ତ୍ତେ ସମ୍ପୂର୍ଣ୍ଣ ବିଦ୍ୟାଳୟ ଉପରେ ଧ୍ୟାନ ରଖିବା କଷ୍ଟକର, ମାତ୍ର ଭୂମିକା ଅନୁସାରେ ଯେଉଁଠି ସେମାନେ ପିତାମାତାଙ୍କ ଲାଗି ପ୍ରତିନିଧିତ୍ୱ କରନ୍ତି, ସେମାନଙ୍କୁ ବୁଝିବାର ଆବଶ୍ୟକତା ରହିଛି ଯେ, କେବଳ ସେମାନଙ୍କର ନିଜସ୍ୱ ପାଇଁ ନୁହେଁ ଅନ୍ୟମାନଙ୍କ ପାଇଁ ଓକିଲାତି କରିବା ଗୁରୁତ୍ୱପୂର୍ଣ୍ଣ ଅଟେ।

## ଶିକ୍ଷଣକାର୍ଯ୍ୟ ୧୦ : ପ୍ରତିନିଧିତ୍ୱ କରିବା ପାଇଁ ପିତାମାତାଙ୍କୁ ସମର୍ଥ କରିବା

ଆପଣ ଶିକ୍ଷଣ ଡାଏରୀରେ ଟିପିକରି ରଖନ୍ତୁ ଯେ ମାତାପିତାଙ୍କୁ କିପରି ସାମର୍ଥ୍ୟ ପ୍ରଦାନ କରିବେ ଯେ ସେମାନେ ବିଦ୍ୟାଳୟରେ ସେମାନଙ୍କର ଭୂମିକାକୁ ଠିକ୍ ଭାବେ ନିର୍ବାହ କରିବେ ଯେଉଁଠି ସେମାନେ ସ୍ଥାନୀୟ ଗୋଷ୍ଠୀର ପିତାମାତାଙ୍କର ସ୍ୱର ହୋଇଯିବେ। ସ୍ଥାନୀୟ ଗୋଷ୍ଠୀ ଦ୍ୱାରା ଗ୍ରହଣୀୟ ହୋଇଥିବା ଅଭିଭାବକଙ୍କ ବିଷୟରେ ଚିନ୍ତା କରନ୍ତୁ ଯେଉଁମାନେ ନେତାଭଳି ଦେଖାଯାନ୍ତି ତେଣୁ ସେମାନେ ସ୍ୱାଭାବିକ ଭାବରେ ଏହି ଭୂମିକାରେ କାମ କରିବାକୁ ପଦକ୍ଷେପ ନିଅନ୍ତି ଓ ଭଲ ଭାବେ କାମ କରିଥାନ୍ତି। ସେଠାରେ ଏମିତି ପିତାମାତା ଅଛନ୍ତି କି ଯେଉଁମାନେ ବହୁତ କିଛି କୁହନ୍ତି ମାତ୍ର ଅନ୍ୟ ପିତାମାତାଙ୍କର ମନ୍ତବ୍ୟ ଉପରେ କୌଣସି ପ୍ରତିନିଧିତ୍ୱ କରିବାର ଆବଶ୍ୟକତା ନାହିଁ ? ପ୍ରତିନିଧିତ୍ୱ କରିଥିବା ପିତାମାତାଙ୍କୁ ଛଅଟି ମାର୍ଗଦର୍ଶକ ନିୟମ ତିଆରି କରିଦିଅନ୍ତୁ।

**ଆଲୋଚନା**

ଆପଣ କେତେକ ଜିନିଷ ସମ୍ବନ୍ଧରେ ଚିନ୍ତା କରିସାରିଥିବେ ଯାହା ପିତାମାତା କରନ୍ତୁ ବୋଲି ଆପଣ ଆଦୌ ଚାହୁଁ ନ ଥିବେ (ଯେପରି କି ଶିକ୍ଷକଙ୍କ ସମ୍ବନ୍ଧରେ ବ୍ୟକ୍ତିଗତ ମନ୍ତବ୍ୟ ଦେବା) କିମ୍ବା ସାଧାରଣ ନିୟମାବଳୀ ଯେପରି କି ଗୋପନୀୟ ଭାବେ ନିରୀକ୍ଷଣ କରିବା କିମ୍ବା ବିଦ୍ୟାଳୟ ଜୀବନ ଉପରେ ଏକ ସାମଗ୍ରିକ ଚିନ୍ତାଧାରା ଗ୍ରହଣ କରିବା। ଏଥିରେ ସନ୍ଦେହ ନାହିଁ ଯେ ଯେଉଁ ମାତାପିତା ଶିକ୍ଷାର୍ଥୀଙ୍କ ଶିକ୍ଷଣ ସମ୍ବନ୍ଧରେ କହିପାରନ୍ତି ଓ ବିଦ୍ୟାଳୟକୁ ନେତୃତ୍ୱ ଦେଇଥାନ୍ତି ଓ ସେମାନଙ୍କର ସମ୍ପର୍କ ଅନ୍ୟ ମାତାପିତାଙ୍କ ସହ ଭଲ ଥାଏ, ପ୍ରକୃତରେ ସେମାନେ ଆପଣଙ୍କ ପାଇଁ ସମ୍ପତ୍ତି ସଦୃଶ। ସେମାନେ କେବଳ ସୂଚନାଗୁଡ଼ିକ ମାତାପିତାଙ୍କୁ ଦିଅନ୍ତି ନାହିଁ ବରଂ ସେମାନଙ୍କଠୁ ସୂଚନା ସଂଗ୍ରହ କରି ବିଦ୍ୟାଳୟକୁ ଜଣେଇଥାନ୍ତି, ସେମାନେ ଅନ୍ୟ ମାତାପିତାଙ୍କୁ ସମସ୍ୟା ଚିହ୍ନଟ କରିବାରେ ଓ ସମାଧାନ କରିବାରେ ସାହାଯ୍ୟ କରିପାରନ୍ତି। ମାତ୍ର ଏହା ଏକ ଉପଯୁକ୍ତ କୌଶଳ ନୁହେଁ ଯାହା ସମସ୍ତ ପିତାମାତାଙ୍କ ନିକଟରେ ଦେଖାଯିବ ଏବଂ ଏହି ନିୟମ ପାଇଁ ସେଗୁଡ଼ିକ ଆଗକୁ ଆସିବାର କୌଣସି ଯଥାର୍ଥତା ନାହିଁ। ବିଦ୍ୟାଳୟର ଜଣେ ମୁଖିଆ ଭାବେ ଆପଣଙ୍କର କର୍ତ୍ତବ୍ୟ ହେଉଛି ପିତାମାତାଙ୍କ ନିକଟରେ ପ୍ରତିନିଧିତ୍ୱ ଏବଂ ସେମାନଙ୍କୁ ସହାୟତା କରିବା ପାଇଁ ତଥା ସେମାନଙ୍କର ଦକ୍ଷତା ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବା ପାଇଁ ସୁଯୋଗ ସୃଷ୍ଟି କରିବା ଉଚିତ୍।

ଆପଣଙ୍କ ବିଦ୍ୟାଳୟରେ ଅନ୍ୟ କିଛି ଦିଗ (କିମ୍ବା ଗୁରୁତ୍ୱପୂର୍ଣ୍ଣ ଭାବେ ବିଦ୍ୟାଳୟ ବିକାଶ ଯୋଜନା) ଅଛି କି ଯେଉଁଥିରେ ସେମାନେ ସାମିଲ ହୋଇପାରିବେ ?

ଆପଣ ମାତାପିତାଙ୍କୁ ସଂଗଠିତ କରିବାର କାମ କରିପାରିବେ ଯାହାଫଳରେ ସେମାନେ ପରସ୍ପରକୁ ଅନୌପଚାରିକ ଭାବେ ସାହାଯ୍ୟ କରିପାରିବେ। ଯଦି ସେମାନେ ବିଦ୍ୟାଳୟକୁ ଆସିବାକୁ ବା ଶିକ୍ଷକଙ୍କୁ ଦେଖା କରିବାକୁ ବ୍ୟାକୁଳ ହୁଅନ୍ତି, ଆପଣ ଅନ୍ୟ ମାତାପିତାଙ୍କୁ ମଧ୍ୟସ୍ଥି ବା ସାଙ୍ଗ ଭାବେ କାମ କରିବା ପାଇଁ ଉତ୍ସାହିତ କରିପାରିବେ।

## ପରିସ୍ଥିତି ଅଧ୍ୟୟନ ୫ : ମିଷ୍ଟର ଚୌଧୁରୀ ପିତାମାତାଙ୍କ ପାଇଁ ସାଙ୍ଗର ଯୋଜନା ସ୍ଥିର କରିଛନ୍ତି ।

ଶ୍ରୀମାନ୍ ଚୌଧୁରୀ ଏକ କ୍ଷୁଦ୍ର ଗ୍ରାମାଞ୍ଚଳ ବିଦ୍ୟାଳୟର ମୁଖ୍ୟ ଭାବେ କାର୍ଯ୍ୟରତ, ଯେଉଁଠାରେ ପିତାମାତା ବିଦ୍ୟାଳୟକୁ ଆସିବାର କୌଣସି ପରମ୍ପରା ନାହିଁ କିମ୍ବା ବିଦ୍ୟାଳୟ ତରଫରୁ ପିତାମାତାଙ୍କୁ କିଛି ବି ଜଣାଯାଏ ନାହିଁ । ସେ ଲକ୍ଷ୍ୟ କଲେ ଯେ ଶିକ୍ଷାର୍ଥୀଙ୍କୁ ତାଙ୍କର ଶିକ୍ଷଣ ସ୍ତରକୁ ଫେରେଇଆଣିବା ବାଟରେ ବହୁତ ବଡ଼ ଶୂନ୍ୟସ୍ଥାନ ରହିଛି । ଏହା ମଧ୍ୟ ସୂଚାଉଛି ଯେ ସେ ଏବଂ ଅନ୍ୟ ଶିକ୍ଷକମାନେ ଶିକ୍ଷାର୍ଥୀଙ୍କ ପାରିବାରିକ ସ୍ଥିତି ସମ୍ବନ୍ଧରେ ଅଳ୍ପ ବହୁତ କିଛି ଜାଣିଛନ୍ତି ।

ପିତାମାତାଙ୍କ ଦ୍ୱାରା ସ୍ଥିର କରାଯାଇଥିବା ଏକ ଯୋଜନାକୁ ପିତାମାତାଙ୍କ କ୍ଷେତ୍ରରେ ପ୍ରଚଳନ କରିବା ପାଇଁ ସେ ସ୍ଥିର କଲେ । ସେ ଆଶା କଲେ ଯେ କଥାବାର୍ତ୍ତାରେ ଥିବା ଦୂରତ୍ୱକୁ ଯୋଡ଼ିବାରେ ଏହା ସହାୟକ ହେବ ଏବଂ ଯେକୌଣସି କ୍ଷେତ୍ରରେ ସ୍ୱର ଉତ୍ତୋଳନ ପାଇଁ ପିତାମାତାଙ୍କ ଲାଗି ସୁଯୋଗ ସୃଷ୍ଟି କଲେ ।

ସେ ସ୍ଥାନୀୟ ଗୋଷ୍ଠୀ ନେତାଙ୍କ ସହ କଥାବାର୍ତ୍ତା ହେଲେ ଏବଂ ସେମାନେ ସ୍ଥିର କଲେ ଯେ ଏହା ବହୁତ ଦରକାରୀ ହୋଇପାରିବ ଯଦି ଏହି ପିତାମାତା ସାଙ୍ଗମାନେ ମହିଳା ହୋଇଥିବେ ଏବଂ ସେମାନେ ଅନ୍ୟ ମାଆମାନଙ୍କ ସହ ମିଶି ପ୍ରାରମ୍ଭିକ ଅବସ୍ଥାରେ ବୈଠକ ଏବଂ ଆଳାପ ଆଲୋଚନା କରିବେ । ଶ୍ରୀମାନ୍ ଚୌଧୁରୀ କେତେକ ଶିକ୍ଷାର୍ଥୀଙ୍କ ମାଧ୍ୟମରେ ନିମନ୍ତ୍ରଣ ପଠାଇଲେ ଏବଂ ବୈଠକର ନିୟମ ସମ୍ବନ୍ଧରେ ଅବଗତ ହେବା ପାଇଁ ମାଆମାନଙ୍କ ପାଇଁ ଏକ ତାରିଖ ସ୍ଥିର ହୋଇଥିଲା । ମାତ୍ର ତିନିଜଣ ମାଆ ବୈଠକକୁ ଆସିଥିଲେ, ପରନ୍ତୁ ଶ୍ରୀମାନ୍ ଚୌଧୁରୀଙ୍କ ଦ୍ୱାରା ସ୍ଥିର କରାଯାଇଥିବା ନିୟମ ସମ୍ବନ୍ଧରେ କାର୍ଯ୍ୟ କରିବା ପାଇଁ ସମସ୍ତେ ଇଚ୍ଛା ପ୍ରକାଶ କଲେ ଏବଂ ସମସ୍ତେ ଖୁସି ହୋଇଥିଲେ ଯେତେବେଳେ ସେ ଘୋଷଣା କଲେ ଯେ ଏକ ଛୋଟ ତାଲିମ ଶିବିର ଅନୁଷ୍ଠିତ ହେବ, ତଥା ସେମାନେ ବେଚ ପିନ୍ଧିବେ ଏବଂ ସେମାନେ ପ୍ରମାଣପତ୍ର ପାଇବେ ।

ଗୋଟିଏ ବର୍ଷ ପାଇଁ ଯୋଜନା ଚାଲିଲା, କେତେକ ପୁରୁଷ ସାଙ୍ଗ ରହିବା ପାଇଁ ପ୍ରସ୍ତାବ ଆସିଲା । ଶ୍ରୀମାନ୍ ଚୌଧୁରୀ ପିତାମାତାଙ୍କ ମଧ୍ୟରୁ କେତେକ ସ୍ୱେଚ୍ଛାସେବୀ ବାଛିବା ପାଇଁ ସ୍ଥିର କରିଥିଲେ ।

ଜଣେ ବିଦ୍ୟାଳୟର ମୁଖ୍ୟ ଭାବେ ଆପଣଙ୍କର ଶିକ୍ଷାର୍ଥୀଙ୍କ ମାତାପିତାଙ୍କ ସହ ଭଲ ସମ୍ପର୍କ ଥାଇପାରେ ବା ବିଦ୍ୟାଳୟରେ କ'ଣ ଘଟୁଛି ଆଲୋଚନା ପାଇଁ ସେମାନଙ୍କ ପାଖରେ ବିଚାରପୀଠ ଥାଇପାରେ । ବିଦ୍ୟାଳୟର ମୁଖ୍ୟ ଭାବେ ଏହି କଥାବାର୍ତ୍ତାକୁ ପ୍ରୋତ୍ସାହିତ କରିବେ ଓ ନିୟମିତ ଭାବେ ସହାୟତା ପ୍ରଦାନ କରିବେ । ଯାହା ଆପଣଙ୍କ ପାଖକୁ ଆସିବ ସେଥିପାଇଁ ଆପଣ ଏହାକୁ ଧମକ ରୂପେ ଦେଖିବେ ନାହିଁ ବା ସମାଲୋଚନା ପାଇଁ ବ୍ୟସ୍ତ ହେବେ ନାହିଁ । ମାତାପିତାଙ୍କଠୁ ଆସୁଥିବା ମତାମତ ଇନ୍ଧନ ସଦୃଶ ଓ ସେମାନଙ୍କର ପିଲାମାନେ ଶିଖନ୍ତୁ ବୋଲି ସେମାନେ ଇଚ୍ଛା ପ୍ରକାଶ କରନ୍ତି ।

### ଶିକ୍ଷଣକାର୍ଯ୍ୟ ୧୧ : ପରସ୍ପରକୁ ସହାୟତା ପାଇଁ ସଂଗଠିତ କରିବାକୁ ଆପଣଙ୍କର ପିତାମାତାଙ୍କୁ ସାହାଯ୍ୟ କରିବା

ସେହି ପିତାମାତାଙ୍କ ବିଷୟରେ ଚିନ୍ତା କରନ୍ତୁ ଯେଉଁମାନେ ବିଦ୍ୟାଳୟକୁ କମ୍ ଆସନ୍ତି କିମ୍ବା ଆପଣଙ୍କ ସହ କିମ୍ବା ଶିକ୍ଷକଙ୍କ ସହ କଥାବାର୍ତ୍ତା ହୋଇଥିବେ । ସେମାନେ କାହିଁକି ସାମିଲ ହେଲେ ନାହିଁ ଏବଂ ଅନ୍ୟ ପିତାମାତାମାନେ କ'ଣ କରିବେ ଯାହାଦ୍ୱାରା ସେମାନେ ଆଗ୍ରହ ପ୍ରକାଶ କରିବେ ଏବଂ ସହଜ ମନେ କରିବେ ? ଆପଣ ମନେ କରୁଛନ୍ତି କି ଆପଣଙ୍କ ନିକଟରେ ଏମିତି କେହି ଭରସା ଯୋଗ୍ୟ ପିତାମାତା ଅଛନ୍ତି କି ଯେଉଁମାନେ ଏହି ଶୂନ୍ୟସ୍ଥାନକୁ କମ୍ କରିପାରିବେ ?

## ପରିସ୍ଥିତି ଅଧ୍ୟୟନ ୬ : ଶ୍ରୀମତୀ ରାଉଳ ପିତାମାତାଙ୍କୁ ସାକ୍ଷର କରିବା ପାଇଁ ସାହାଯ୍ୟ କରୁଛନ୍ତି

ଶ୍ରୀମତୀ ରାଉଳ ଗ୍ରାମାଞ୍ଚଳର ଏକ ପ୍ରାଥମିକ ବିଦ୍ୟାଳୟରେ କିଛିବର୍ଷ ଆଗରୁ ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ପ୍ରଥମ ବର୍ଷ କାର୍ଯ୍ୟକାଳରେ ଗୋଟିଏ ଘଟଣା ହେଉଛି ଯେ ତୃତୀୟ ଏବଂ ଚତୁର୍ଥ ଶ୍ରେଣୀର ଶିକ୍ଷାର୍ଥୀମାନେ ସେମାନଙ୍କର ଗୃହକାର୍ଯ୍ୟ କରୁ ନ ଥିଲେ। ସେ ଗାଁକୁ ଯିବା ପାଇଁ ସ୍ଥିର କଲେ ଏବଂ କେତେକ ମାଆମାନଙ୍କ ସହ ଗୃହକାର୍ଯ୍ୟର ଗୁରୁତ୍ୱ ସମ୍ବନ୍ଧରେ କଥାବାର୍ତ୍ତା ହେଲେ, ଏବଂ ଏହା କିଭଳି ଶିକ୍ଷାର୍ଥୀମାନଙ୍କର ଲିଖନ ଓ ପଠନ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ସୁଯୋଗ ସୃଷ୍ଟି କରୁଛି, ତାହା ଜଣାଇଲେ। ସେ ଉପଦେଶ ଦେଲେ ଯେ ପ୍ରାୟତଃ ସେମାନେ ତାଙ୍କର ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଗୃହକାର୍ଯ୍ୟରେ ସହଯୋଗ କରିବେ। ମାତ୍ର ତା'ପରେ ସେ

ଅନୁଭବ କଲେ ଯେ ଅନେକ ମାଆମାନେ ପଢ଼ିପାରୁନାହାନ୍ତି କି ଲେଖି ମଧ୍ୟ ପାରୁନାହାନ୍ତି, ତେଣୁ ସେମାନେ ତାଙ୍କର ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିପାରୁନାହାନ୍ତି।

ନିଶା ନାମକ ଜଣେ ମାଆ ପଚାରିଲେ ଯଦି ଶ୍ରୀମତୀ ରାଉଳ ତାଙ୍କ ପାଇଁ ଗୋଟେ କ୍ଲାସ ଆରମ୍ଭ କରନ୍ତେ ଏବଂ ଅନ୍ୟ ମା'ମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ରାଜି ହେଲେ। ବିଦ୍ୟାଳୟ ଛୁଟି ହେବା ପରେ ସପ୍ତାହକୁ ଥରେ ଶ୍ରୀମତୀ ରାଉଳ ଘଣ୍ଟିକିଆ ସାକ୍ଷରତା କ୍ଲାସର ଆୟୋଜନ କଲେ। ଶ୍ରୀମତୀ ରାଉଳ ସେମାନଙ୍କର ମାଆମାନଙ୍କୁ ପଢ଼ାଉଥିବା ସମୟରେ ଶିକ୍ଷାର୍ଥୀମାନେ ବିଦ୍ୟାଳୟରେ ରହୁଥିଲେ ଓ ଖେଳପଡ଼ିଆରେ ଖେଳୁଥିଲେ। ପାଠ ପଢ଼ିବା ପାଇଁ ନିଶା ଅନ୍ୟମାନଙ୍କୁ ଉତ୍ସାହିତ କରୁଥିଲେ ଏବଂ ଏହି କାମରେ ତାଙ୍କର ସ୍ୱାମୀ ତାଙ୍କୁ ସହାୟତା ଦେଉଥିଲେ। ସେ ମଧ୍ୟ ଅନ୍ୟ ବାପାମାନଙ୍କୁ ସେମାନଙ୍କର ସ୍ତ୍ରୀକୁ ପଠେଇବା ପାଇଁ ଉତ୍ସାହିତ କରୁଥିଲେ। ମାଆମାନେ ଯେତେବେଳେ ସେମାନଙ୍କର ଶିକ୍ଷାର୍ଥୀଙ୍କର ଗୃହକାର୍ଯ୍ୟରେ ସାହାଯ୍ୟ କରିବାର ସାହାସ ପାଇଲେ ନିଶା ତାଙ୍କ ପଡ଼ିଶା ଘରେ ଏକ ପଢ଼ାଗୃହ ପଠନ କଲେ ଯାହା ଫଳରେ ମାଆମାନେ ପରସ୍ପରକୁ ସାହାଯ୍ୟ କରି ପରସ୍ପରଠୁ ଶିଖିପାରିଲେ।



ଟିକିଏ ଚିନ୍ତା କରନ୍ତୁ

- ଆପଣଙ୍କ ବିଦ୍ୟାଳୟରେ ଏମିତି କେହି ପିତାମାତା ଅଛନ୍ତି କି ଯିଏ ସୁନ୍ଦର ଭାବେ କେତେକ ନିର୍ଦ୍ଦିଷ୍ଟ ପିତାମାତାଙ୍କ ସହ ସଂଯୋଗ ସ୍ଥାପନ କରିପାରିବେ – ଉଦାହରଣସ୍ୱରୂପ, ସେମାନେ ଗୋଟିଏ ଗ୍ରାମରୁ ଆସିଛନ୍ତି କିମ୍ବା ସମାନ ଭାବେ କଥା କହୁଛନ୍ତି ?
- ପ୍ରାରମ୍ଭିକ ଅବସ୍ଥାରେ କିଏ ଆପଣଙ୍କୁ ଉପାୟ ଜଣାଇବେ ଏବଂ ଆପଣ କିଭଳି ବର୍ଣ୍ଣନା କରିବେ ଯେ ସେମାନେ କକ୍ଷର କରିପାରିବେ।

## ୫ ସାରାଂଶ

କୌଣସି ବିଦ୍ୟାଳୟ ଏକୁଟିଆ ହୋଇ ତିଷ୍ଠି ରହିପାରିବ ନାହିଁ। ଏହା କେବଳ ତା' ଚାରିପାଖରେ ରହୁଥିବା ସାଧାରଣ ଜନସାଧାରଣଙ୍କୁ ସେବା ଯୋଗାଉନାହିଁ ବରଂ ଗୋଷ୍ଠୀ ସହ ଆଳାପ ଆଲୋଚନା କରୁଛି ଏବଂ ନିର୍ଦ୍ଦିଷ୍ଟ ନେଟ୍‌ୱାର୍କ ମଧ୍ୟରେ କାର୍ଯ୍ୟ କରୁଛି ଏବଂ ଏହା ଜିଲ୍ଲା, ରାଜ୍ୟ ଏବଂ ସବ୍‌ଡିଭିଜନ ଅଞ୍ଚଳରେ କାର୍ଯ୍ୟରତ ଅଟେ। ବିଦ୍ୟାଳୟର ମୁଖ୍ୟ ସୁନ୍ଦର ସମ୍ପର୍କ ସ୍ଥାପନ ପାଇଁ ଦାୟୀ ହେବେ ଏବଂ ଏହି ସହଭାଗିତାକୁ ବଜାୟ ରଖିବା ପାଇଁ ସମୟ ଖର୍ଚ୍ଚ କରିବେ କାରଣ ଶ୍ରେଣୀ କୋଠରୀରେ ଶିକ୍ଷାଦାନ ଶିକ୍ଷଣରେ ଏହାର ସକରାତ୍ମକ ପ୍ରଭାବ ପଡ଼ିବ। ଯେମିତି କି ବିଦ୍ୟାଳୟ ଏକୁଟିଆ / ବିଚ୍ଛିନ୍ନ ହୋଇ ତିଷ୍ଠିପାରିବ ନାହିଁ। ଶିକ୍ଷାର୍ଥୀଙ୍କ ଶିକ୍ଷଣ ମଧ୍ୟ ବିଚ୍ଛିନ୍ନ ହୋଇ ବଞ୍ଚିପାରିବ ନାହିଁ – ଏହା ସେମାନଙ୍କର ବିଦ୍ୟାଳୟ ବାହାର ଜୀବନ ସହିତ ଜଡ଼ିତ। ମାତାପିତା ଓ ଗୋଷ୍ଠୀର ସହଭାଗିତା ମାଧ୍ୟମରେ ପିଲାଙ୍କ ଶିକ୍ଷଣକୁ ଅର୍ଥପୂର୍ଣ୍ଣ ଓ ପ୍ରସାରିତ କରିବା ସମ୍ଭବ ହେବ।

ବିଦ୍ୟାଳୟର ମୁଖ୍ୟ ଅନ୍ୟମାନଙ୍କ ସହ ଭଲ ସମ୍ପର୍କ ରଖିବେ ଯାହାଫଳରେ ବିଦ୍ୟାଳୟ ସ୍ଥାନୀୟ ସମ୍ବଳର ସର୍ବାଧିକ ବିନିଯୋଗ କରିବ ଏବଂ ତତ୍‌ସହିତ ପ୍ରତିଟି ପିଲା ସେମାନଙ୍କ ଶିକ୍ଷଣ ପାଇଁ ଦାୟିତ୍ୱ ବିନିମୟ କରି ଲାଭବାନ୍ ହେବାକୁ ନିଶ୍ଚିତ କରିବେ।

## ସମ୍ବଳ

### ସମ୍ବଳ ୧ : ରାଜ୍ୟସ୍ତରୀୟ ଅନୁଷ୍ଠାନ ସହ ଆପଣଙ୍କର ସମ୍ପୃକ୍ତି

*ସାରଣୀ ସ ୧.୧ : ରାଜ୍ୟସ୍ତରୀୟ ଅନୁଷ୍ଠାନ ସହ ଆପଣଙ୍କର ସମ୍ପୃକ୍ତି*

| ଅନୁଷ୍ଠାନର ନାମ | ନିୟମିତ ଦ୍ୱିପାକ୍ଷିକ ସଂଯୋଗ ସ୍ଥାପନ | ନିୟମିତ ଏକପାକ୍ଷିକ ସଂଯୋଗ ସ୍ଥାପନ | କେବଳ କଦାଚିତ ଭାବେ ସ୍ଥାପନ | ସଂଯୋଗ ସ୍ଥାପନ ସଂଯୋଗ | ସଂଯୋଗ ସ୍ଥାପନ ନାହିଁ | ଆପଣଙ୍କର ମୁଖ୍ୟ ସଂଯୋଗଗୁଡ଼ିକୁ ପାଇଁ ଆଶା ସେଠାରେ ଲେଖନ୍ତୁ |
|---|---|---|---|---|---|---|
| ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ | | | | | | |
| ସର୍ବଶିକ୍ଷା ଅଭିଯାନ | | | | | | |
| ଶିକ୍ଷା ବିଭାଗ | | | | | | |
| ରାଜ୍ୟଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ | | | | | | |
| ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ | | | | | | |
| ଜିଲ୍ଲା ସମ୍ବଳ କେନ୍ଦ୍ର | | | | | | |
| ବ୍ଲକ ସମ୍ବଳ କେନ୍ଦ୍ର | | | | | | |
| କ୍ଲଷ୍ଟର ସମ୍ବଳ କେନ୍ଦ୍ର | | | | | | |
| ଜିଲ୍ଲା ପଞ୍ଚାୟତ | | | | | | |

## ସମ୍ବଳ ୨ : ଭାଗୀଦାରିତା ପାଇଁ ସୂଚନାପତ୍ର

***ସାରଣୀ ସ୨.୧ :*** *ଭାଗୀଦାରିତା ପାଇଁ ସୂଚନାପତ୍ର*

| ସ୍ମାରକ କାର୍ଯ୍ୟ | ପ୍ରତିକ୍ରିୟା |
|---|---|
| ଭାଗୀଦାରିତାର ଲକ୍ଷ୍ୟ କ'ଣ ?<br>(ଉଭୟ ପକ୍ଷ ପାଇଁ) | |
| ଅଂଶୀଦାରିତାର ସମୟସୀମା କ'ଣ ?<br>(ଛୋଟ କିମ୍ବା ବଡ଼ ଅଂଶ) | |
| ଆଶାତୀତ ଫଳ କ'ଣ ହୋଇପାରିବ ? | |
| ଆଶାତୀତ ଫଳ ନିକଟରେ ପହଞ୍ଚିବା ପାଇଁ କେଉଁ କାର୍ଯ୍ୟ ଗ୍ରହଣ କରିବାକୁ ହେବ ? | |
| କେଉଁ ସମ୍ବଳଗୁଡ଼ିକର ଆବଶ୍ୟକତା ରହିଛି ? (ଲୋକମାନେ ଏବଂ ଜିନିଷ) | |
| କେମିତି ଏବଂ କେତେବେଳେ ଭାଗୀଦାରିତାର ମୂଲ୍ୟାୟନ ହେବ ? | |
| କିଭଳି କଥାବାର୍ତ୍ତାକୁ ସାଥି ଏବଂ ବିଦ୍ୟାଳୟ ଗୋଷ୍ଠୀଙ୍କ ମଧ୍ୟରେ ସୂଚାରୁ ରୂପେ ପରିଚାଳିତ କରିହେବ ? | |
| ଅଂଶୀଦାର ଓ ବିଦ୍ୟାଳୟ ଗୋଷ୍ଠୀ ମଧ୍ୟରେ କଥାବାର୍ତ୍ତାକୁ କିପରି ପରିଚାଳିତ କରିବେ ? | |

# Additional resources

- SWOT analysis:http://www.businessballs.com/swotanalysisfreetemplate.htm
- A blog about a school trip:http://www.shishuvan.com/wp/?p=1242
- *School Management for Quality Inclusive Education and Decentralised School Governance*, a Save the Children report:http://eruindia.org/files/school-management-09-04-13.pdf
- Information about the RtE:http://righttoeducation.in/know-your-rte
- *People as Changemakers*, an Oxfam report:http://preview.tinyurl.com/ksvptsp

# References/bibliography

Banerjee, A.V., Banerji, R., Duflo, E., Glennerster, R. and Khemani, S. (2010) 'Pitfalls of participatory programs: evidence from a randomized evaluation in education in India', *American Economic Journal: Economic Policy*, vol. 2, no. 1, pp. 1–30. Available from: http://www.jstor.org/stable/25760049 (accessed 24 December 2014).

Gardner Chadwick, K. (2002) *Improving Schools through Community Engagement: A Practical Guide for Educators*. Thousand Oaks, CA: Corwin Press.

Mehta, R. (2014) 'Kuppam memories' (online), Shishuvan Blog, 24 February. Available from: http://www.shishuvan.com/wp/?p=1242 (accessed 24 December 2014).

National Council of Educational Research and Training (NCERT) (2005) *National Curriculum Framework 2005* (NCF). New Delhi: National Council of Educational Research and Training. Available from: http://www.teindia.nic.in/files/ncf-2005.pdf (accessed 19 December 2014).

The Scottish Government (2005) 'Forms and patterns of parental involvement', Chapter 4 in *Parents' Views on Improving Parental Involvement in Children's Education*. Available from: http://www.scotland.gov.uk/Publications/2005/03/20759/53614 (accessed 24 December 2014).

Sharma, R. and Ramachandran, V. (eds) (2009) *The Elementary Education System in India: Exploring Institutional Structures*. New Delhi: Routledge India.

Sreekanth, Y. (2010) 'Parents involvement in the education of their children: indicators of level of involvement', International Journal about Parents in Education, vol. 5, no. 1, pp. 36–45. Available from: http://www.ernape.net/ejournal/index.php/IJPE/article/viewFile/114/74 (accessed 24 December 2014).

Vellymalay, S.K.N. (2012) 'Bridging school and parents: parental involvement in their child's education', *Journal of Studies in Education*, vol. 2, no. 1, pp. 41–57. Available from: http://www.macrothink.org/journal/index.php/jse/article/download/1170/1061 (accessed 24 December 2014).

# Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESS-India project and not in any subsequent OER versions. This includes the use of the TESS-India, OU and UKAID logos.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.